# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-289 ♦FRIDAY ♦17 APRIL 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୮୯ ♦ଶୁକ୍ରବାର ♦୧୭ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ମେସୀଙ୍କ ବିରୋଧରେ ଠକେଇ ଅଭିଯୋଗ

■ ମିଆମି, ୧୬।୪ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିଛି। ଫିଫା ବିଶ୍ୱକପ୍ ଚାମ୍ପିଅନ ଆର୍ଜେଣ୍ଟିନାର ମେସି ଗତବର୍ଷ ୭ ନିୟୁତ ଆମେରିକୀୟ ଡଲାର ବଦଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବାକୁ କରିଥିବା ରାଜିନାମାର ଉଲ୍ଲଙ୍ଘନ କରିଛନ୍ତି। ମିଆମି -ଡାଡେ କୋର୍ଟରେ ମେସି ଓ ଆର୍ଜେଣ୍ଟିନା ଫୁଟବଲ ସଂଘ ନାମରେ ଏକ ଠକେଇ ଓ ରାଜିନାମା ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଏକ ପ୍ରମୋଟର ସଂସ୍ଥା ଏହି ମକଦ୍ଦମା କରିଛି। ଉଭୟ ମେସି ଓ ତାଙ୍କ ଦେଶର ସଂଘ ଏଯାଏ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ମେସି ଏବେ ବହୁ ଅଧିକ ଅର୍ଥରେ ଇଣ୍ଟର ମିଆବି ପକ୍ଷରୁ ଆମେରିକାର ମେଜର ଲିଗ୍ ଫୁଟବଲ ଖେଳୁଛନ୍ତି। ସେ ମଧ୍ୟ ଆର୍ଜେଣ୍ଟିନା ପକ୍ଷରୁ ଖେଳୁଛନ୍ତି।



ମକଦ୍ଦମାରୁ ମିଳିଥିବା ତଥ୍ୟ ଅନୁଯାୟୀ ମେସି ଓ ଆର୍ଜେଣ୍ଟିନା ଟିମ୍ ପ୍ରତିଦ୍ୱନ୍ଦ୍ୱୀ ଭେନେଜୁଏଲା ସହ ଏକ ପ୍ରଦର୍ଶନୀ ମ୍ୟାଚ୍ ପୁଏର୍ଟୋରିକେରେ ଖେଳିବାର ଥିଲା। ଏହି ମ୍ୟାଚ୍ ଆୟୋଜିତ ହୋଇଥିଲେ ମଧ୍ୟ ମେସି ଏଠାରେ ଖେଳି ନ ଥିଲେ, କିନ୍ତୁ ପାଭିଲିୟନରେ ବସି ଖେଳ ଦେଖିଥିଲେ। କିନ୍ତୁ ଏହାର ପରଦିନ ସେ ଇଣ୍ଟର ମିଆମି ପକ୍ଷରୁ ଖେଳି ୨ଟି ଓ କିଛିଦିନ ପରେ ପୁଏର୍ଟୋରିକୋ ବିପକ୍ଷରେ ଖେଳି ୨ଟି ଗୋଲ ଦେଇଥିଲେ। ସେ ଫିଟ୍ ଥିଲେ ମଧ୍ୟ ମ୍ୟାଚ୍ ନ ଖେଳିବାରୁ ତାଙ୍କ ବିରୋଧରେ ଠକେଇ ଓ ରାଜିନାମା ଉଲ୍ଲଙ୍ଘନ ଅଭିଯୋଗରେ ଏହି କମଦ୍ଦମା କରାଯାଇଛି।


# MODERN PUBLIC SCHOOL, BALASORE

MODERN PUBLIC SCHOOL BALASORE — KNOWLEDGE IS POWER

NUMBER 1 ONE in North Odisha

MPS

A coeducational English-medium school, affiliated with CBSE from Balvatika to Std. XII.

## A HAT-TRICK OF SUCCESS: THE UNDISPUTED HOME OF NORTH ODISHA TOPPERS

(2023-24) PRIYANSU SEKHAR MISHRA 98.80%

(2024-25) SAI SHIVAM MAITY 99.00%

(2025-26) NAMITA PRIYADARSHINI DAS 99.40%

## OUR ACHIEVERS - AISSE SESSION 2025-26 | 78 Students scored 90% and above

TEJAS KUMAR PATRA 99.00% · HARDIK DASH 98.60% · PRANAV GUPTA 98.00% · PUJARANI JATI 98.00% · SHREYASHI DAS 97.80% · PRATYUSH PADHIARY 97.60% · VINCY TRIPATHY 97.60% · DEEPIKA SATPATHY 97.40% · ANGEL ALINA PANDA 97.00% · HARSHIT MISHRA 97.00%

NEELABJA SHREE SAHU 97.00% · SUBHASHREE ROUT 97.00% · ANUSHKA PANDA 96.80% · ADYASHA BISWAL 96.60% · KANIKA TUDU 96.60% · SRUJANI PRIYADARSANI 96.60% · AJITESH GIRI 96.40% · ARCHITA NAYAK 96.40% · CHINMAY KUMAR JENA 96.40% · ARGHYADEEP SAHOO 96.00%

BHUMIKA MOHAPATRA 96.00% · SWARUP SIDDHESH 95.60% · MEHUL RAMANI 95.40% · SUSHREE SAMIKSHYA JENA 95.40% · ABHIPRAY MOHANTY 95.20% · ADIT N PATTANAYAK 95.20% · SHREEYA BEHERA 95.20% · ADYASHA GIRI 95.00% · JAYDEEP DASH 95.00% · JIBANPREET KUNAR 95.00%

RAGINI KHANDELWAL 95.00% · ANUSHREE DAS 94.80% · ASHUTOSH NAYAK 94.80% · SURYANSHU KASHYAP MOHANTY 94.80% · DIBYA JYOTI CHAND 94.40% · SAANVI MOHANTY 94.40% · AHANIKA MAITY 94.20% · DIPIKA MISHRA 94.20% · SIYONA NANDA 94.20% · BANSHIKA PATRA 94.00%

DEVANSHEE SAHU 94.00% · SUBHADIPTA MISHRA 94.00% · DIVYANSHU BEHERA 93.60% · PRIYANSHU DASH 93.60% · SRIMAN SOMRAJ PANDA 93.60% · B ABHIPSA SWATISNIGDHA 93.40% · DIKSHYANT VED ARYAN 93.40% · KOUSHIK KUMAR BEHERA 93.40% · AARYAN BISOI 93.20% · AYUSH MISHRA 93.20%

BISWAJEET KHATAI 93.20% · SAI ANANYA PARICHHA 93.20% · SIDHARTHA SEKHAR JENA 93.20% · DEBASIS BEHERA 93.00% · SAIPRATEEK MOHAPATRA 93.00% · SOUMYAJIT MOHANTY 93.00% · DIBYASHA DAS 92.60% · AARUSHI MAHAPATRA 92.40% · ABHALAXMI DAS 92.40% · PRIYANSHU MOHAPATRA 92.40%

AMRITANSHU ACHARYA 92.20% · HIMADRI ACHARYA 92.20% · ATREYA SAHU 92.00% · AYUSH KUMAR SAHU 92.00% · SWASTIKA SAHU 92.00% · SOHAM MISHRA 91.40% · SURYASNATA PATRA 91.40% · RUDRA PRASAD MOHANTY 91.20% · ARCHITA PRIYADARSANI SHA 91.00% · SUBHASHREE SAHOO 91.00%

ODITYA NARAYAN NAYAK 90.80% · RUDRANSH ROUT 90.60% · SATYAM PANDIT 90.60% · DIKSHAN CHAKRABORTY 90.40% · KINSHUK MONDAL 90.40% · PRIYANSHI MOHAPATRA 90.40% · ARADHYA PATI 90.20%

JOIN THE LEAGUE OF TOPPERS:
LIMITED SEATS REMAINING FOR CLASS XI (SCIENCE)
SECURE YOUR FUTURE TODAY!

WE ARE LOCATED @

Meghadambaru — Balvatika to XII — 82804 41425, 82804 41426

Sardar Patel Marg, Near ADM Square — Balvatika to III — 82804 41427

Darji Pokhari, Ranipatna — Balvatika to III — 82804 41428

WELL FURNISHED BOYS HOSTEL

# ଅସହ୍ୟ ତାତିରେ ସିଝୁଛି ବଲାଙ୍ଗିର

- ସମସ୍ୟା ବଢ଼ାଇଛି ବିଦ୍ୟୁତ୍‌ର ଲୁଚକାଳି ଖେଳ
- ବିଭିନ୍ନ ସ୍ଥାନରେ ମନଇଚ୍ଛା ବିଦ୍ୟୁତ୍ କାଟ୍

ବଲାଙ୍ଗିର,୧୬ ।୪(ସମିସ)

ବଲାଙ୍ଗିର ଜିଲ୍ଲାରେ ଗତ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି । ଏହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ପ୍ରବଳ ଖରାତାତି ସାଙ୍ଗକୁ ବିଦ୍ୟୁତ୍ ବିଭାଗର ଲୁଚକାଳି ଏହି ଦୁଃଖକୁ ଦ୍ୱିଗୁଣିତ କରିଛି । ବିଶେଷ କରି ଗତ ଦୁଇ ତିନି ଦିନ ହେଲା ତାପାମାତ୍ରା ୪୦ରୁ ୪୨ ଡିଗ୍ରୀ ଛୁଇଁଛି । ଗୁରୁବାର ତାପମାତ୍ରା ପ୍ରାୟ ୪୫ ଡିଗ୍ରୀକୁ ଛୁଇଁଛି । ଏହି ତାପମାତ୍ରା ଭିତରେ ବିଭାଗୀୟ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ ମନଇଚ୍ଛା ବିଦ୍ୟୁତ୍ କାଟ ହେଉଛି । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି । ଅନ୍ୟପକ୍ଷରେ ପ୍ରବଳ ଗରମ ଓ ଓଭରଲୋଡ୍ ଯୋଗୁଁ ତାର ପୋଡି ଯାଉଛି । ଏଣୁ ବିଦ୍ୟୁତ୍ ସରବରାହ ପ୍ରଭାବିତ ହେଉଛି ।

ବଲାଙ୍ଗିର ସହର ଗ୍ରୀଷ୍ମ ସମୟରେ ସବୁବେଳେ ଚର୍ଚ୍ଚାରେ ରହିଥାଏ । ବଲାଙ୍ଗିର ସହର ସମେତ ଟିଟିଲାଗଡ ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ମାତ୍ରାରେ ଗ୍ରୀଷ୍ମ ପ୍ରବାହ ଅନୁଭବ ହୋଇଥାଏ । ଏହିକ୍ରମରେ ଚଳିତ ବର୍ଷ କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇଛି । ଗତ ପ୍ରାୟ ଗୋଟିଏ ସପ୍ତାହ ହେଲା ତାପାମାତ୍ରା ପ୍ରାୟ ୪୦ ଡିଗ୍ରୀ ରହୁଛି । ଦୁଇ ଦିନ ହେଲା ଏହି ତାପମାତ୍ରା ବୃଦ୍ଧି ପାଇଛି । ଗତ ଦୁଇ ଦିନ ଧରି ୪୦ରୁ ୪୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ରେକର୍ଡ କରାଯାଇଛି । ଗୁରୁବାର ସହରରେ ତାପମାତ୍ରା ୪୩ ଡିଗ୍ରୀ ରହିଥିଲା । ଖରା ସହ ଝାଞ୍ଜିପବନ ଯୋଗୁ ଦିନ ୧୦ଟାରୁ ସହରରେ ଯିବା ଆସିବା ଲୋକଙ୍କ ପାଇଁ କଷ୍ଟସାଧ ହୋଇପଡିଛି । ସଂଧ୍ୟା ପର୍ଯ୍ୟନ୍ତ ସହରର ପ୍ରମୁଖ ରାସ୍ତା ଖାଲି ପଡିଛି । ବିଦ୍ୟୁତ୍‌ର ଲୁଚକାଳି ଖେଳ ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଜିଲ୍ଲାର ପ୍ରାୟ ସବୁଆଡେ କିଛି ଦିନ ହେଲା ମନଇଚ୍ଛା ବିଦ୍ୟୁତ୍ କାଟି ଦିଆଯାଉଛି । ଏନେଇ କାରଣ ପଚାରିଲେ ବିଭାଗୀୟ କର୍ମଚାରୀ ବିଭିନ୍ନ ପ୍ରକାର ଆଳ ଦେଖାଉଛନ୍ତି । ବଲାଙ୍ଗିର ସହରରେ ଯେତେବେଳେ ଲୋକମାନେ ତତଲା କଢେଇରେ ଭାଜି ହେଉଛନ୍ତି ସେହି ସମୟରେ ବିଦ୍ୟୁତ୍ ଲୁଚକାଳି ଖେଳ ଲୋକଙ୍କ ଅସନ୍ତୋଷ ବଢାଉଛି । ଅପରାହ୍ନ ୨ ଟାରେ ବି ବିଦ୍ୟୁତ୍ କାଟି ଦିଆଯାଉଛି । ଏହାଫଳରେ ଲୋକେ ଗରମରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଧ୍ୟରାତିରେ ମଧ ମନଇଚ୍ଛା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଦିଆଯାଉଛି । ତେବେ ବଲାଙ୍ଗିର ଜିଲ୍ଲାର ବିଧାୟକ ଶକ୍ତି ବିଭାଗ ମନ୍ତ୍ରୀ ରହିଛନ୍ତି । ଗ୍ରୀଷ୍ମ ପ୍ରବାହରେ ବିଦ୍ୟୁତ୍ କାଟ କରି ଲୋକଙ୍କୁ ହଇରାଣ ନ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ଟାଟା ପାୱାର କିନ୍ତୁ ନିଜ ମନଇଚ୍ଛା କାରବାର ଚଳାଇଛି । ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ବେଖାତିର କରୁଛି । ଏନେଇ ଟାଟା ପାୱାର ଅଧିକାରୀଙ୍କୁ ପଚାରିଲେ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ କୁଲର, ଏସି ଚଳାଉଛନ୍ତି । ସେହିଭଳି ରନ୍ଧନ ଗ୍ୟାସ୍ ଅଭାବ ଯୋଗୁ ମଧ ଲୋକେ ଇଣ୍ଡକ୍ସନ ଓ ହିଟର ବ୍ୟବହାର ବଢାଇଛନ୍ତି । ଏହାଫଳରେ ହଠାତ ଲୋଡ୍ ବୃଦ୍ଧି ଯୋଗୁଁ ତାର ପୋଡି ଯାଉଛି । ତାହା ମରାମତି ପାଇଁ ବିଦ୍ୟୁତ୍ କାଟିବାକୁ ପଡୁଥିବା ସେ କହିଛନ୍ତି ।

■ ଗର୍ଭବତୀ ଓ ପ୍ରସୂତିଙ୍କ ଅଣ୍ଡା ହେରଫେର ଘଟଣା

## ବକେୟା ଅଣ୍ଡା ବାଣ୍ଟିଲେ ସିଡିପିଓ

ସଇଁତଲା,୧୬ ।୪(ସମିସ): ସଇଁତଲା ବ୍ଲକ୍ କେରମେଲି ଅଙ୍ଗନବାଡ଼ି କେନ୍ଦ୍ରରେ ଗର୍ଭବତୀ, ପ୍ରସୂତି କିଶୋରୀ ନାବାଳିକାଙ୍କ ପାଇଁ ଆସୁଥିବା ଅଣ୍ଡା ବାଟମାରଣ ହେଉଛି ।

**'ସକାଳ' ପ୍ରଭାବ**

ଏ ନେଇ ଦୈନିକ 'ସକାଳ' ଖବର ପ୍ରକାଶ ପରେ ହିତାଧିକାରୀଙ୍କୁ ବକେୟା ଅଣ୍ଡା ବଣ୍ଟାଯାଇଛି ।

ପ୍ରତି ଲାଭାନ୍ୱିତାଙ୍କୁ ମାସକୁ ୧୨ଟି ଅଣ୍ଡା ଦିଆଯିବା କଥା; ହେଲେ କେତେକ ସ୍ଥାନରେ ୧୦ଟି ତ କେତେକ ଜାଗାରେ ୮ଟି ଅଣ୍ଡା ବଣ୍ଟନ ହେଉଛି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । କେରମେଲି ଅଙ୍ଗନବାଡ଼ି କର୍ମୀ ଜ୍ୟୋସ୍ନା ମହାନନ୍ଦ ଦୀର୍ଘ ୩ ମାସ ହେବ ଏଭଳି ଚଳାଇଛନ୍ତି । ଗର୍ଭବତୀ ଓ ପ୍ରସୂତିଙ୍କୁ ୧୨ଟି ଅଣ୍ଡା ଦେବା ବଦଳରେ ୮ଟି ଅଣ୍ଡା ଦେଉଛନ୍ତି । ଦର ବୃଦ୍ଧି ଆଳରେ ସେ ୮ ଟି ଅଣ୍ଡା ବଣ୍ଟନ କରୁଥିବା ଅଭିଯୋଗ ହୋଇଥିଲା । ଏହାପରେ ସିଡିପିଓ ତାଙ୍କୁ ଅଫିସକୁ ଡାକି ତାଗିଦ କରିଥିଲେ । ଜ୍ୟୋସ୍ନା ମଧ ଘଟଣାକୁ ସ୍ୱୀକାର କରିଥିଲେ । ଏ ନେଇ ଅଭିଯୋଗ ଆସିବା ପରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଏହାପରେ ପ୍ରଶାସନ ତତ୍ପରତା ଦେଖାଇଛି । ସଇଁତଲା ସିଡିପିଓ ଗୋଲାପି ନାଏକ ନିଜେ ବାକି ରହିଯାଇଥିବା ଅଣ୍ଡା ବାଣ୍ଟିଛନ୍ତି ।

# ସିବିଏସ୍‌ଇ ମାଟ୍ରିକ୍ ପରୀକ୍ଷାରେ ବିଭିନ୍ନ ସ୍କୁଲର ସଫଳତା

## ବଲାଙ୍ଗିର କେନ୍ଦ୍ରୀୟ ବିଦ୍ୟାଳୟ -୨





ବଲାଙ୍ଗିର,୧୬ ।୪(ସମିସ): ସିବିଏସ୍‌ଇ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ବଲାଙ୍ଗିର କେନ୍ଦୀୟ ବିଦ୍ୟାଳୟ -୨ର ଶତ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । କୁମାର ଅଭିନବ ମିଶ୍ର ୪୯୮ ନମ୍ବର (୯୯.୬ ପ୍ରତିଶତ) ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେହିପରି ସ୍ୱାଗତ ମହାପାତ୍ର ୪୯୦ (୯୮ ପ୍ରତିଶତ) ନମ୍ବର ରଖି ଦ୍ୱିତୀୟ ସ୍ଥାନ ପାଇଛନ୍ତି । ଛାତ୍ରୀ ଦିବ୍ୟାଂଶୀ ଖଟାଇ ୪୮୬ (୯୭.୨ ପ୍ରତିଶତ) ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି ।

ଚଳିତ ବର୍ଷ ବିଦ୍ୟାଳୟର ୯୨ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୨୭ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବରରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୩୫ ଜଣ ୭୫-୮୯ ପ୍ରତିଶତ ନମ୍ବର ରଖିଛନ୍ତି ।୨୧ଜଣ ୬୦ରୁ ୭୪ ନମ୍ବର ରଖିଥିବା ବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ ପଧାନ ସୂଚନା ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅଧ୍ୟକ୍ଷ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି ।

## ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ



ବଲାଙ୍ଗିର: ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ଝାରମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଶତ ପ୍ରତିଶତ ପରିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସାତ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାହୁ ୪୯୩ ମାର୍କ (୯୮.୬୦ ପ୍ରତିଶତ) ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି ।

ସେହିପରି ସୌରଭ ଶେଖର ବହିଦାର ୯୮.୪୦ ପ୍ରତିଶତ, ଦିବ୍ୟାଂଶୁ ଦର୍ଶନ ବିଶ୍ୱାଳ ୯୮ ପ୍ରତିଶତ, ଲକ୍ଷ୍ମୀପ୍ରିୟା ମିଶ୍ର ୯୭ ପ୍ରତିଶତ, ପ୍ରଣିତା ଦାସ ୯୬.୮୦ ପ୍ରତିଶତ, ଆକାଂକ୍ଷା ଠାକୁର ୯୫.୬୦ ପ୍ରତିଶତ, ରୋନକ ବେହେରା ୯୫.୪୦ ପ୍ରତିଶତ ମାର୍କ ରଖିଛନ୍ତି । ମୋଟ୍ ୭୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪ ଜଣ ପରିକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ସେହିପରି ଆଇଟିରେ ୭ ଜଣ, ଏସଏସଟିରେ ୨ ଜଣ, ଓଡିଆରେ ୨ଜଣ ଓ ଗଣିତରେ ଜଣେ ଶତପ୍ରତିଶତ ନମ୍ବର ରଖିଛନ୍ତି ବୋଲି ଅଧ୍ୟକ୍ଷା ଜ୍ୟୋର୍ତିମୟୀ ପଧାନ କହିଛନ୍ତି । ଏହି ଅବସରରେ ସେ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବେଲପଡ଼ା ନବୋଦୟ ସ୍କୁଲ



ବେଲପଡା,୧୬ ।୪(ସମିସ): ବେଲପଡା ନବୋଦୟସ୍କୁଲର ମଧ ଶତ ପ୍ରତିଶତ ଫଳାଫଳ ହୋଇଛି । ୭୭ ଜଣ ଛାତ୍ରଛାତ୍ରୀ ଏଥର ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଟିଟିଲାଗଡ଼ ବେଲଗାଁର ଚିତ୍ତରଞ୍ଜନ ସାହୁଙ୍କ ପୁଅ ଈଶ୍ୱର ସାହୁ ୪୯୨ (୯୮. ୪୦) ମାର୍କ ରଖିଛନ୍ତି । ୨୯ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୩ ଜଣ ୯୫ ପ୍ରତିଶତରୁ ଅଧିକ ରଖିଛନ୍ତି ।

## ଖପ୍ରାଖୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ



ଖପ୍ରାଖୋଲ: ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚିରସ୍ମିତା ଭୋଇ ୯୮.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ମଳୟ ରଞ୍ଜନ ସାହୁ ୯୭.୪ ପ୍ରତିଶତ, ରୋଶନ ସାହୁ ୯୬ ପ୍ରତିଶତ, ପ୍ରଜ୍ଞାରାଣୀ ନାଏକ ୯୫.୮ ପ୍ରତିଶତ, ଦିବ୍ୟରଞ୍ଜନ ସାଏ ୯୩.୮ ପ୍ରତିଶତ, ନିବେଦିତା ସିଂହ ଠାକୁର ୯୩.୩ ପ୍ରତିଶତ, ଦିବ୍ୟେସ ପାତ୍ର ୯୨.୬ ପ୍ରତିଶତ, ଶୁଭମ୍ ଥନାପତି ୯୨ ପ୍ରତିଶତ, ଗୁଗୁଲ ପଧାନ ୯୧.୬ ପ୍ରତିଶତ, ଅଲିସା ସାହୁ ୯୧.୪ ପ୍ରତିଶତ ଓ ଐଶ୍ୱର୍ଯ୍ୟାମୟୀ ପ୍ରଧାନ ୯୦.୬ ପ୍ରତିଶତ ମାର୍କ ରଖିଛନ୍ତି । ୯୭ ପ୍ରତିଶତ ଛତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟ ଅଧକ୍ଷା ସରିତା ନାଏକ ସୂଚନା ଦେଇଛନ୍ତି ।

## ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ

ବଲାଙ୍ଗିର,୧୬ ।୪(ସମିସ): କୋଶଳ କଳା ମଣ୍ଡପ ପରିସରରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ପଦଯାତ୍ରା କୋଶଳ କଳା ମଣ୍ଡପରୁ ଆରମ୍ଭ ହୋଇଥିଲା । ଆଇନ ମହାବିଦ୍ୟାଳୟ ଛକ, ବିକ୍ରମ ଛକ ଦେଇ ସମସ୍ତେ କୋଶଳ କଳା ମଣ୍ଡପରେ ପହଞ୍ଚି ଥିଲେ । ରଞ୍ଜିତା ପାଣିଗ୍ରାହୀ, ଭାରତୀ ମହାନନ୍ଦ, ଉଷା କୁମାରୀ, ଡା. ଜ୍ୟୋତି ପାଣିଗ୍ରାହୀ, ରଶ୍ମୀ ଷଡଙ୍ଗୀ, ପଙ୍କଜିନୀ ପଣ୍ଡା, ଜିଲ୍ଲା ପ୍ରକଳ୍ପ ପରିଚାଳକ ନୀଳିମା କୁଜୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଭାସିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



# ବଲାଙ୍ଗିର ସରକାରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର




ବଲାଙ୍ଗିର,୧୬ ।୪(ସମିସ): ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଶାଖା , ଜାତୀୟ ସେବା ଯୋଜନା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର କୌତୁକ ପନ୍ଦର ଉଦ୍‌ଘାଟନ କରିବା ସହ ରକ୍ତଦାନର ମହତ୍ୱ ସଂପର୍କରେ ଅବଗତ କରାଇଥିଲେ । ମେଡିକାଲ ଅଫିସର ଡାକ୍ତର ଅଶୋକ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବଲାଙ୍ଗିର ଜିଲ୍ଲା ଯୁବ ରେଡକ୍ରସ୍ ଆବାହକ ସଂପାଦିକା ବନ୍ଦନା ବାର ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଜିଲ୍ଲା ରକ୍ତଭଣ୍ଡାର କାର୍ଯ୍ୟାଳୟର ଅଧିକାରୀ ଜ୍ୟୋତିର୍ମୟୀ ନାଏକ, ଶେଖ୍ ଅବଦୁଲ ଅସରଫ, ଦେବାଶିଷ ମିଶ୍ର,ସାଜନ୍ ରଣା ପ୍ରମୁଖ ସହଯୋଗ କରିଥିଲେ । ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଶ୍ରୀକାନ୍ତ ବାରିକ, ସୁମନ୍ତ ରଣା, ଯୋଗେନ୍ଦ୍ର ରଣା, ସୁବେର ଭୋଇ, ଚନ୍ଦନ ପୁହାଣ, ପ୍ରଭାତ ସାହୁ, ଅନିଲ ପଟ୍ଟନାଏକ ସହଯୋଗ କରିବା ସହ ରକ୍ତଦାନ କରିଥିଲେ । ବିଶ୍ୱଭୂଷଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଦୋଭଟାରେ ମାଁ ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା



ମୁରିବାହାଲ,୧୬ ।୪(ସମିସ): ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ କୁଦୋଭଟା ଗ୍ରାମରେ ମାଁ ତାରିଣୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବ ନିର୍ମିତ ମନ୍ଦିର ପ୍ରତିଷ୍ଠା ଓ ପଞ୍ଚକୁଣ୍ଡ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୋଖରୀରୁ କଳସ ଆଣି ମନ୍ଦିରରେ ସ୍ଥାପନ କରାଯାଇଥିଲା । କର୍ତ୍ତା ଭାବେ ପ୍ରମୋଦ ବେହେରା ଓ ତାଙ୍କ ସହ ସହଧର୍ମିଣୀ ନନ୍ଦିନୀ ବେହେରା ଦାୟିତ୍ୱ ନେଇଥିଲେ । ପୂଜକ ଭାବେ ଅମିତ ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ବସୁଦେବ ଚରଣ ଦାସ, ସଭାପତି ରୂପେଶ ମେହେର, ଉପସଭାପତି ପ୍ରମୋଦ ବେହେରା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଣା, କୋଷାଧକ୍ଷ ଯୁବରାଜ ରଣା, ଓକିଲ ବିବେକ ଶର୍ମା, ଉପଦେଷ୍ଟା ଯୁଧିଷ୍ଠିର ଭରାସଗରିଆ, ରମାକାନ୍ତ ସୁନା, ଶଶାଙ୍କ ଶେଖର ଦାସ ଯାଦବ, ସୁନୀଲ ମେହେର, ମାନସ ରଞ୍ଜନ ରଣା, ଦୁର୍ବାଦଳ ପୁଟେଲ, ମନୋଜ ରଣା, ସରୋଜ ମେହେର, ରୁଦ୍ରଧର ନାଗ, ଛବିଲ ପୁଟେଲ, ଚିଣ୍ଟୁ ପୁଟେଲ, ବଡ଼ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

# ଚଙ୍ଗରିଆରୁ ବିପୁଳ ବିଦେଶୀ ମଦ ଜବତ



ପାଟଣାଗଡ଼,୧୬ ।୪(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଲରମ୍ବା ଥାନା ଚଙ୍ଗରିଆ ଗ୍ରାମର ମାର୍କଣ୍ଡ ବାଗ ଘରୁ ବିପୁଳ ବିଦେଶୀ ମଦ ଜବତ ହୋଇଛି । ସେ ଅବୈଧ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ ପାଇ ପାଟଣାଗଡ଼ ଅବକାରୀ ବିଭାଗ ଓ ପୁଲିସ ତିଳକ ନାୟକଙ୍କ ନେତୃତ୍ୱରେ ମିଳିତ ଭାବେ ଚଢଉ କରିଥିଲା । ତା' ଘରେ ମହଜୁଦ ଥିବା ମଦ ଜବତ କରିବା ସହ ତାକୁ ଗିରଫ କରାଯାଇଛି । ଏଥିରେ ଉଭୟ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ ।

# ବୈଶାଖ ମେଳା ପାଇଁ ସ୍ୱତନ୍ତ୍ର ବସ୍ ଚଳାଇବାକୁ ଦାବି



ବଲାଙ୍ଗିର,୧୬ ।୪(ସମିସ): ବଲାଙ୍ଗିର ଜିଲ୍ଲା ଐତିହ୍ୟ ପୀଠ ହରି ଓ ଶଙ୍କର ମିଳନ ସ୍ଥଳ ଗନ୍ଧମାର୍ଦ୍ଧନ ପାଦ ଦେଶରେ ବୈଶାଖ ମେଳା ପାଇଁ ପ୍ରଶାସନର ପ୍ରସ୍ତୁତି .ଲିଛି । ଏପ୍ରିଲ ୨୭ରୁ ମଇ ୧ ପର୍ଯ୍ୟନ୍ତ ୫ ଦିନ ପର୍ଯ୍ୟନ୍ତ ବୈଶାଳ ମେଳା ଅନୁଷ୍ଠିତ ହେବ । ରାଜ୍ୟ ବାହାରୁ ଭକ୍ତଙ୍କ ସୁଅ ଛୁଟିବ । ଏହି ଉଦ୍ଦେଶ୍ୟରେ ଯାତ୍ରୀଙ୍କ ସୁବିଧା ପାଇଁ ବସ୍ ବ୍ୟବସ୍ଥା କରିବାକୁ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛି । ଦାବିପତ୍ରରେ ବୈଶାଖ ମେଳାରେ ସ୍ୱତନ୍ତ୍ର ଅର୍ଥ ପ୍ରଦାନ, ପ୍ରଚାର ପ୍ରସାର, ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାରଙ୍କ ସଂଗ୍ରାହଳୟ ସ୍ଥାପନ କରିବା ପାଇଁ ଦାବି ନେଇ ଦ୍ଳଖ ରହିଛି । ୧୪ଟି ବ୍ଲକରେ ୫ ଦିନ ପାଇଁ ରାଜ୍ୟ ପରିବହନ ବିଭାଗ ଦ୍ୱାରା ସ୍ୱତନ୍ତ୍ର ବସ୍ ଚଳାଇବା ପାଇଁ ଦାବି କରାଯାଇଛି । ବଲାଙ୍ଗିର ସହରରୁ ହରିଶଙ୍କରକୁ ବସ୍ ଚଳାଚଳ ବନ୍ଦ ହୋଇଯାଇଛି । ଏହା ପୁନଃର୍ବାର ଚଳାଇବା ପାଇଁ ଦାବି କରାଯାଇଛି । ତେବେ ୧୮ ତାରିଖ ଦିନ ରାଜ୍ୟ ପରିବହନ ବିଭାଗ, ଜିଲ୍ଲା ପ୍ରଶାସନ ଓ ଘରୋଇ ମାଲିକ ସଂଘ ମଧ୍ୟରେ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ଉତ୍ତର ମିଳିଛି । ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ସଂପାଦକ ପ୍ରଶାନ୍ତ ମହାକୁର ଓ ଅଶୋକ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

# ବାଳିକାରେ ପାଟଣାଗଡ଼, ବାଳକରେ ବଙ୍ଗୋମୁଣ୍ଡା ଚାମ୍ପିଅନ







ବଲାଙ୍ଗିର,୧୬ ।୪(ସମିସ)

ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମରେ ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା କବାଡ଼ି ଚାମ୍ପିୟନସିପ୍ ଉଦ୍‌ଯାପିତ ହୋଇଯାଇଛି । ବାଳିକା ବର୍ଗରେ ସଇଁନ୍ତଲାକୁ ହରାଇ ପାଟଣାଗଡ଼ ଚାମ୍ପିଅନ ହୋଇଛି । ସେହିପରି ବାଳକ ବର୍ଗରେ ତୁରେକେଲାକୁ ହରାଇ ବଙ୍ଗୋମୁଣ୍ଡା ଚାମ୍ପିଅନ ହୋଇଛି ।

କ୍ରୀଡ଼ା ସଂସଦର ସଭାପତି ଡା. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ ଓ ସହ-ସଂପାଦକ ପଦ୍ମଚରଣ ଆ.ର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧକ୍ଷ ହେମନ୍ତ ବେହେରା, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ଭଲିବଲ ସଂପାଦକ ସଂଗ୍ରାମ କେଶରୀ ବହିଦାର, ବରିଷ୍ଠ ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ମିଶ୍ର, ଗୌରଚନ୍ଦ୍ର ପଧାନ, ଅନୁପ ସାହୁ, ଜୟରାମ ମିଶ୍ର, ଡା. ଶୁଭମ ମିଶ୍ର ଓ ସୁନିଲ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବୁଦ୍ଧିରାଜ ବିଶ୍ୱାଳ, ସୁଦର୍ଶନ ସେଠ, ଜନାର୍ଦ୍ଦନ ସାହୁ, ମାଧୁରୀ ପଣ୍ଡା, ଆଶିଷଦେବ ସା ଓ ଯଶୋବନ୍ତୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ କବାଡ଼ି ସଂପାଦକ ବିଭୂତି ଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ସକାଳ THE SAKALA



## ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ 'ଯତ୍‌ରା'ରେ କେଳେଙ୍କାରୀ

# ଆସିଲା ୨୫ ଲକ୍ଷ; ଖର୍ଚ୍ଚ ହୋଇଛି ୫ କୋଟି ୪୨ ଲକ୍ଷ

**ରାଉରକେଲା, ୧୬।୪(ସମିସ)**

ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ 'ଯତ୍‌ରା'ରେ ଏକ ବଡଧରଣର କେଳେଙ୍କାରୀ ହୋଇଥିବା ଜିଲ୍ଲା କଂଗ୍ରେସର ବରିଷ୍ଠ ଯୁବନେତା ରଶ୍ମି ରଞ୍ଜନ ପାଢ଼ୀ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ସବୁଠାରୁ ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି ସୁନ୍ଦରଗଡ଼ ମହୋତ୍ସବ 'ଯତ୍‌ରା'। କିନ୍ତୁ ଏହି ମହୋତ୍ସବ ପାଳନରେ ହୋଇଥିବା ଖର୍ଚ୍ଚକୁ ଦେଖିଲେ ମହୋତ୍ସବରେ ଏକ ବଡଧରଣର ଦୁର୍ନୀତି ହୋଇଥିବା ଜଣାପଡୁଛି। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ମହୋତ୍ସବ ପାଳନ ପାଇଁ ୨୫ ଲକ୍ଷ ଟଙ୍କା ଆସିଥିବା ବେଳେ ଏହି ମହୋତ୍ସବରେ ୫ କୋଟି ୪୧ ଲକ୍ଷ ୫୫ ହଜାର ୩୫୭ ଟଙ୍କା ୮୭ ପଇସା ଖର୍ଚ୍ଚ ହୋଇଛି ବୋଲି ସୂଚନା ଅଧିକାର ତଥ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରଦାନ କରାଯାଇଛି। ତେବେ ଅବଶିଷ୍ଟ ଖର୍ଚ୍ଚ ହୋଇଥିବା ୫ କୋଟି ୧୬ ଲକ୍ଷ ୫୫ ହଜାର ୩୫୭ ଟଙ୍କା କେଉଁଠୁ ଆସିଲା ବୋଲି ସେ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ଏ ସମସ୍ତ ଟଙ୍କା ଜିଲ୍ଲା ବିଭିନ୍ନ କଳକାରଖାନା, ଖଣିଖାଦାନ ମାଲିକମାନଙ୍କ ଠାରୁ ଚାନ୍ଦା ଆଦାୟ କରାଯାଇ ଜିଲ୍ଲା ମହୋତ୍ସବରେ ଖର୍ଚ୍ଚ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ସେଣ୍ଟ୍ରାଲ ସିଭିଲ ସର୍ଭିସେସ୍ (କଣ୍ଡକ୍ଟ) ରୁଲ୍ ୧୯୬୪ ଅନୁଯାୟୀ ଜଣେ ସରକାରୀ ଅଧିକାରୀ କୌଣସି ସରକାରୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ କୌଣସି ବ୍ୟକ୍ତିବିଶେଷ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ସଂସ୍ଥା ଠାରୁ ଆର୍ଥିକ ସହାୟତା ଗ୍ରହଣ କରି ପାରିବେ ନାହିଁ ବୋଲି ନିୟମ ରହିଥିବା ବେଳେ ଜିଲ୍ଲା ମହୋତ୍ସବ 'ଯତ୍‌ରା' ପାଳନ ପାଇଁ କିପରି ଚାନ୍ଦା ଆଦାୟ କରାଗଲା ବୋଲି ଜିଲ୍ଲା କଂଗ୍ରେସର ଯୁବନେତା ରଶ୍ମିରଞ୍ଜନ ପାଢ଼ୀ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ଜିଲ୍ଲାର ବଡବଡ ଅଧିକାରୀ ବେଶ୍ ହାତ ଚିକ୍କଣ କରିଛନ୍ତି ବୋଲି ସାମାଜିକ କର୍ମୀ

### ଇଭେଣ୍ଟ ମ୍ୟାନେଜମେଣ୍ଟ ନାଁରେ ୫ କୋଟି ୧୪ ଲକ୍ଷ ଟଙ୍କା ଖର୍ଚ୍ଚ !

ରଶ୍ମି ପାଢ଼ୀଙ୍କ ସମେତ କଂଗ୍ରେସ ବରିଷ୍ଠ ନେତା ବିଏନ୍ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିବା ସହ ଏହାର ତଦନ୍ତ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଯଦି ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ସେମାନେ ସେଣ୍ଟ୍ରାଲ ଭିଜିଲାନ୍ସ କମିସନର(ସିଭିସି)ଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଶ୍ରୀ ପାଢ଼ୀ କହିଛନ୍ତି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅଧିକାର ତଥ୍ୟ ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଲ୍ଲା ମହୋତ୍ସବ ପାଳନ ପାଇଁ ରାଜ୍ୟର ୩୦ଟି ଜିଲ୍ଲାକୁ ୯୪ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଏହି ମହୋତ୍ସବରେ ମୋଟ ୫ କୋଟି ୪୧ ଲକ୍ଷ ୫୫ ହଜାର ୩୫୭ ଟଙ୍କା ୮୭ ପଇସା ଖର୍ଚ୍ଚ ହୋଇଛି। ତନ୍ମଧ୍ୟରେ ବ୍ରଡବ୍ୟାଣ୍ଡ ଓ ବିଦ୍ୟୁତ୍‌ରଣ ବାବଦରେ ୧ ଲକ୍ଷ ୨ ହଜାର ୪୮୪ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପରିବହନ, ଖାଦ୍ୟ



ଓ ଆକୋମଡେଶନ ବାବଦରେ ୩ ଲକ୍ଷ ୯୫ ହଜାର ୫୯୩ ଟଙ୍କା, ପ୍ରଦର୍ଶନୀରେ ପାଇଁ ୧ ଲକ୍ଷ ୮୧ ହଜାର ଟଙ୍କା, ନିମନ୍ତ୍ରଣ ଓ ଉପଢୌକନ, ସ୍ମାରକୀ ପ୍ରଦାନ ବାବଦରେ ୭ ଲକ୍ଷ ୭୦ ହଜାର ୭୮୮ ଟଙ୍କା, ପ୍ରିଣ୍ଟିଂ ମେଟରିଆଲ୍ସ ବାବଦରେ ୧ ଲକ୍ଷ ୨୪ ହଜାର ୭୭ ଟଙ୍କା, ଶୋଭାଯାତ୍ରା ଓ ସାଂସ୍କୃତିକ ଦଳଙ୍କ ଟ୍ରଫି ବାବଦରେ ୧୧ ଲକ୍ଷ ୮୫ ହଜାର ୫୦୦ ଟଙ୍କା, ବିଭିନ୍ନ କାମ ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟ ଏଜେନ୍ସିକୁ ୫ କୋଟି ୧୩ ଲକ୍ଷ ୬୧ ହଜାର ୭୪୨ ଟଙ୍କା, ବିଭିନ୍ନ ନୃତ୍ୟ ବାବଦରେ ୯ ଲକ୍ଷ ୪୪ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୩୪ ହଜାର ୧୭୪ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ମହୋତ୍ସବ ପାଳନ ନିମିତ୍ତ ଅର୍ଥ ସଂଗ୍ରହ ପାଇଁ ଫଣ୍ଡରେଜିଂ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ଅତିରିକ୍ତ ଜିଲ୍ଲାପାଳ, ବଣାଇ ଉପଜିଲ୍ଲାପାଳ, ପାନପୋଷ ଉପଜିଲ୍ଲାପାଳ, କୋଇଡ଼ା ଓ ରାଉରକେଲାର ମାଇନିଂ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ରହିଥିଲେ। ତେବେ ଏପରି ଫଣ୍ଡ ରେଜିଂ କମିଟି ଗଠନ କରିବା ସରକାରଙ୍କ କୌଣସି ନିୟମ ଅଛି କି ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସେ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜିଲ୍ଲାପାଳଙ୍କ ଲେଟରପ୍ୟାଡରେ ଏକ ସ୍ପଞ୍ଜ ଆଇରନ୍ କାରଖାନାକୁ 'ଯତ୍‌ରା' ମହୋତ୍ସବ ଖର୍ଚ୍ଚ ପାଇଁ ୨୫ ଲକ୍ଷ ଟଙ୍କା ଚାନ୍ଦା ମଗାଯାଇଛି, ଯାହାର ସତ୍ୟତାର ତଦନ୍ତ ଆବଶ୍ୟକତା ରହିଛି। ଯଦି ଏହା ସତ୍ୟ ହୋଇଥାଏ ତେବେ ଶିଳ୍ପ ସଂସ୍ଥାକୁ ଏପରି ଚାନ୍ଦା ମାଗିବା ପାଇଁ ସରକାରଙ୍କଠୁ ଅନୁମତି ନିଆଯାଇଥିଲା କି ବୋଲି ପ୍ରଶ୍ନ କରିବା ସହ ଏହାର ମଧ୍ୟ ବିଧିବଦ୍ଧ ତଦନ୍ତ ହେବାର ଆବଶ୍ୟକ ବୋଲି ସେ କହିଛନ୍ତି। ଅପରପକ୍ଷେ ଯଦି ଗୋଟିଏ ସ୍ପଞ୍ଜ ଆଇରନ୍ କାରଖାନାକୁ ୨୫ ଲକ୍ଷ ଚାନ୍ଦା ମଗାଯାଇଥିଲା, ତେବେ ଟେନସା, କୋଇଡା, ବରସୁଆଁ, ସୁନ୍ଦରଗଡ଼ରେ ଥିବା କୋଇଲା ଖଣି ଅଞ୍ଚଳରୁ କୋଟି କୋଟି ଟଙ୍କା ଚାନ୍ଦା ଆଦାୟ କରାଯାଇଥିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟ ଏଜେନ୍ସିକୁ ୫ କୋଟି ୧୩ ଲକ୍ଷ ୬୧ ହଜାର ୭୪୨ ଟଙ୍କା ପ୍ରଦାନ କରାଯାଇଛି ବୋଲି ତଥ୍ୟ ଦିଆଯାଇଥିବା ବେଳେ କାହାକୁ କେତେ ଟଙ୍କା ଦିଆଯାଇଛି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତା'ର କୌଣସି ହିସାବ ନାହିଁ। କେତେ ଦିଆଯାଇ ଆଉ କେତେ ବାଟମାରଣା ହୋଇଛି ତାହା ସ୍ପଷ୍ଟ ହେଉ। ଏ ସମସ୍ତ ଅଭିଯୋଗର ତଦନ୍ତ କରାଯାଉ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଢ଼ୀଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବାଦଲ ଶ୍ରୀଚନ୍ଦନ, ଗୋପାଳ ଦାସ, ଉମେଶ ଶରଣ, କୀର୍ତ୍ତନ ଦାସଙ୍କ ସମେତ ଫୁଲ କଂସାରୀ ଓ ପିକେ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରେ, ଏତେବଡ କାର୍ଯ୍ୟକ୍ରମ ଆୟୋଜନ ଓ ବଲିଉଡ ଆର୍ଟିଷ୍ଟ ଆଣିବା ପାଇଁ ଆବଶ୍ୟକ ଥିବା ଟଙ୍କା ଚାନ୍ଦା ଅକାରରେ ଆଦାୟ ହୋଇଛି। ଅନ୍ୟ ଜିଲ୍ଲାରେ ୯ ରୁ ୧୦ କୋଟି ଟଙ୍କା ବଜେଟ ରଖିଥିବା ବେଳେ ଆମର ବହୁତ କମ୍ ବଜେଟରେ ଉତ୍ସବ ପାଳନ ହୋଇଛି।

---

## ପାଣିରେ ବୁଡ଼ି ଯୁବକ ମୃତ

**ଲହୁଣୀପଡ଼ା, ୧୬।୪(ସମିସ):** କେବଲାଙ୍ଗ ଥାନା ସୁଲୁଙ୍ଗା (ରେଞ୍ଜଡା) ଗ୍ରାମରେ ପୋଖରୀରେ ଗାଧୋଇବା ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସାନରକ୍ସି ଗ୍ରାମର ଶୋଲେମାନ ମୁଣ୍ଡାଙ୍କ ପୁଅ ଶିବଲନ ମୁଣ୍ଡା (୩୦)। ମିଳିଥିବା ସୂଚନା ମୁତାବକ, ସେ ତାଙ୍କ ଭଉଣୀ ଘର ସୁଲୁଙ୍ଗା ଯାଇଥିଲେ ଏବଂ ଆଜି ଦିନବେଳା ପୋଖରୀରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ଗ୍ରାମର ଯୁବକମାନେ ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଖବରପାଇ କେବଲାଙ୍ଗ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଘର ତାଲା ଭାଙ୍ଗି ସୁନାଗହଣା ଚୋରି

**ରାଉରକେଲା, ୧୬।୪(ସମିସ):** ଘର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନାଗହଣା ଚୋରି କରି ନେଇଯାଇଛନ୍ତି। ସେକ୍ଟର -୧୫ କ୍ୱାର୍ଟର୍ସ ନଂ ଏଚ/୫ରେ ଏହି ଚୋରି ହୋଇଛି। ସୂଚନା ମୁତାବକ, ପରିବାର ସଦସ୍ୟ ବାହାଘରରେ ଯୋଗ ଦେବାକୁ ସହର ବାହାରକୁ ଯାଇଥିଲେ। ସେଠାରୁ ଫେରିବା ପରେ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ଯିବା ପରେ ଜିନିଷପତ୍ର ଏଣେ ତେଣେ ପଡ଼ିଥିବା ସହ ଆଲମାରୀ ଖୋଲା ଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନାଗହଣା ଓ ୬୫ ହଜାର ଟଙ୍କା ନଗଦ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସେକ୍ଟର -୧୫ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଆଇଜିଏଚ୍‌ରେ ବିଦ୍ୟୁତ ଆଘାତରେ ଗୁରୁତର ରୋଗୀଙ୍କ ସଫଳ ଚିକିତ୍ସା

**ରାଉରକେଲା, ୧୬।୪(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସ୍ପି)ର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ବର୍ଣ୍ଣ ସେଣ୍ଟର ଦ୍ୱାରା ବିଦ୍ୟୁତ ଆଘାତରେ ପ୍ରାୟ ୫୦ ପ୍ରତିଶତ ପୋଡ଼ି ଯାଇ ଗୁରୁତର ହୋଇଥିବା ଜଣେ ବ୍ୟକ୍ତିଙ୍କ ସଫଳ ଚିକିତ୍ସା ସମ୍ଭବ



ହୋଇପାରିଛି। ଏହା ଅନ୍ୟ କୌଣସି ଗୁରୁତର ଅସୁବିଧା ବିନା ସମ୍ପୂର୍ଣ୍ଣ ଆରୋଗ୍ୟକୁ ସୁନିଶ୍ଚିତ କରିପାରିଛି। ସୂଚନାଯୋଗ୍ୟ, କିରିବୁରୁ ଖଣିର ଜଣେ ୩୫ ବର୍ଷୀୟ କର୍ମଚାରୀ ବିର୍ସା ହେମ୍ବ୍ରମ ଡ୍ୟୁଟି ସମୟରେ ବିଦ୍ୟୁତ୍ ଆଘାତରେ ପୋଡିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ଆଇଜିଏଚକୁ ରେଫର କରାଯାଇଥିଲା। ରୋଗୀଙ୍କ ଶରୀରର ଉପରିଭାଗର ପ୍ରାୟ ୫୦ ପ୍ରତିଶତ ପୋଡିଯାଇଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଥିଲା ।ଯେଉଁଥିରେ ମୁହଁ, ବେକ, ଛାତି, ହାତ, ପିଠି ଏବଂ ଡାହାଣ ନିମ୍ନ ଅଙ୍ଗ ଅନ୍ତର୍ଭୁକ୍ତ ଥିଲା। ବର୍ଣ୍ଣ ୟୁନିଟ୍ ଦଳର ବରିଷ୍ଠ ଚିକିତ୍ସା ପରାମର୍ଶଦାତା ଡା. ରୁବି ସିଂହଙ୍କ ତତ୍ତ୍ୱାବଧାନରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ଚିକିତ୍ସାରେ ବିଶେଷ ଔଷଧ ସେବନ, ନିୟମିତ ଡ୍ରେସିଂ, କ୍ଷତର ଯତ୍ନ ଏବଂ ନିରନ୍ତର ଫିଜିଓଥେରାପି ସହାୟତା ଅନ୍ତର୍ଭୁକ୍ତ ଥିଲା। ବର୍ଣ୍ଣ ସେଣ୍ଟର ଦଳର ସମୟୋଚିତ ହସ୍ତକ୍ଷେପ, ବିଶେଷଜ୍ଞଙ୍କ ତଦାରଖ ଏବଂ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ, ରୋଗୀଙ୍କଠାରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସାଢ଼େ ତିନି ସପ୍ତାହ ମଧ୍ୟରେ କୌଣସି ବଡ଼ ଜଟିଳତା ବିନା ଡିସଚାର୍ଜ କରାଯାଇଥିଲା।

## ଅଜଣା ବୃଦ୍ଧଙ୍କ ଶବ ଉଦ୍ଧାର

**ରାଉରକେଲା, ୧୬।୪(ସମିସ):** ବାସନ୍ତୀ କଲୋନୀ ସ୍ଥିତ କୁମ୍ଭାରପଡ଼ା ନିକଟରେ ଚାଲିଥିବା ନିର୍ମାଣଧୀନ ରେଳ ଓଭର ବ୍ରିଜ୍ ନିକଟରେ ଜଣେ ଅଜଣା ବୃଦ୍ଧଙ୍କ ଶବକୁ ଉଦ୍ଧାର କରାଯାଇଛି। ମୃତକଙ୍କ ବୟସ ପାଖାପାଖି ୭୦ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଗୁରୁବାର ଅପରାହ୍ନରେ ଶବ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଜିଏମ୍ ୱାର୍କ୍ସ ଋଣ ସମବାୟ ସମିତିର ବାର୍ଷିକୋତ୍ସବ

**ରାଉରକେଲା, ୧୬।୪(ସମିସ):** ଜିଏମ୍. ୱାର୍କସ ଋଣ ସମବାୟ ସମିତିର ୪୮ ତମ ବାର୍ଷିକୋତ୍ସବ ଓ ସାଧାରଣ ଅଧିବେଶନ ସମବାୟ ସମିତିର ସଭାପତି ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସେକ୍ଟର-୫ ସ୍ଥିତ ଭଞ୍ଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମବାୟ ସମିତିର ଅଧକ୍ଷା ଶ୍ରୀମତୀ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର ୨୦୨୪-୨୫ ଆର୍ଥିକ ବର୍ଷର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିବା ବେଳେ କୋଷାଧକ୍ଷ ଗୋପାଳ ମୁଣ୍ଡାରୀ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରସ୍ତାବିତ ବଜେଟ୍ ଉପସ୍ଥାପନ କରିଥିଲେ। ଏହାପରେ ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର ୨୦୨୪-୨୫ ଆର୍ଥିକ ବର୍ଷର ଲାଭାଂଶ ଘୋଷଣା କରିଥିଲେ। ଉକ୍ତ ସଭାରେ ବହୁସଂଖ୍ୟକ ସଭ୍ୟ ଉପସ୍ଥିତ ରହି ସମବାୟର ଉତ୍ତରୋତର ଉନ୍ନତି ଉପରେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ସମିତିର ନିର୍ଦ୍ଦେଶକ ମଣ୍ଡଳୀ ସୁଶାନ୍ତ ସାହୁ, ସୁଶୀଲ ଏକ୍କା, ପ୍ରଫୁଲ୍ଲ ରଣା, ପ୍ରଦୀପ୍ତ ସାହୁ, ଦେବେନ୍ଦ୍ର ମୁଣ୍ଡାରୀ, ଚନ୍ଦ୍ରଶେଖର ସେଠୀ, ସୂର୍ଯ୍ୟପ୍ରକାଶ ମିଶ୍ର, ଦୁର୍ଯ୍ୟୋଧନ ସେନାପତି, ତ୍ରିଲୋଚନ ବେହେରା, ପ୍ରବୀର ସ୍ୱାଇଁ ଓ କୁଆଁରୀ କେର୍କେଟା ଉପସ୍ଥିତ ଥିଲେ। ଅନ୍ୟତମ ନିର୍ଦ୍ଦେଶିକା କୁଆଁରୀ କେର୍କେଟା ଧନ୍ୟବାଦ ଅର୍ପଣ କରିଥିଲେ।

---

### ସିବିଏସ୍‌ଇ ଦଶମ ପରୀକ୍ଷା

## ଟେନସା ଡିଏଭି ପବ୍ଲିକ ସ୍କୁଲର ସଫଳତା



**କୋଇଡା, ୧୬।୪(ସମିସ):** ଚଳିତ ଶିକ୍ଷାବର୍ଷ ୨୦୨୫-୨୬ର ସିବିଏସ୍‌ଇ ଦଶମ ପରୀକ୍ଷାରେ ଡିଏଭି ପବ୍ଲିକ ସ୍କୁଲ ଟେନସାର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଶ୍ରଦ୍ଧା ସୁମନ ସି ଶତକଡା ୯୮.୬ ପ୍ରତିଶତ ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ସିଦ୍ଧାର୍ଥ ପାତ୍ର ଶତକଡା ୯୭.୨ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ପ୍ରତ୍ୟାଶା ସାହୁ ଶତକଡା ୯୬.୮ ପ୍ରତିଶତ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ସର୍ବମୋଟ ୪୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୬ଜଣ ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ଶତକଡା ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ତିନି ଜଣ ଉର୍ତ୍ତୀର୍ଣ୍ଣ ହୋଇଥିବା ବେଳେ ଶତକଡା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପଛରେ ମୁଖ୍ୟ ଭୂମିକା ରହିଥିବା ବିଦ୍ୟାଳୟର ଅଧ୍ୟକ୍ଷ ଅଂଶୁମାନ ମହାନ୍ତି ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କର ଉତ୍ତରୋତ୍ତର କାମନା କରି ଶ୍ରୀ ମହାନ୍ତି ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ସିଂହଭୂମ ସାଂସ୍କୃତିକ ପରିଷଦ ପକ୍ଷରୁ ପଣା ବଣ୍ଟନ

**ରାଉରକେଲା, ୧୬।୪(ସମିସ):** ସିଂହଭୂମ ସାଂସ୍କୃତିକ ପରିଷଦ ପକ୍ଷରୁ ସେକ୍ଟର - ୨୦ ମାର୍କେଟ ସମ୍ମୁଖରେ ଓଡ଼ିଆ ନବବର୍ଷ ପାଳନ ଓ ପଣା ସଂକ୍ରାନ୍ତି ଉପଲକ୍ଷେ ପଣା ବଣ୍ଟନ କରାଯାଇଥିଲା। ପରିଷଦର ସଭାପତି ସୁଜୟ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ମୁଖ୍ୟ ପୃଷ୍ଠପୋଷକ ଡ. ପଙ୍କଜ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଣା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ପାହାଡୀ ସ୍ୱାଗତ ଭାଷଣ ସହ ପଣାର ଆବଶ୍ୟକତା, ଉପକାରିତା ଓ ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଭାସ୍କର ନନ୍ଦ, ମୁରଲୀଧର ମିଶ୍ର, ଅଶୋକ କୁମାର ମାହାନ୍ତି, ବିବେକାନନ୍ଦ କର, ରବୀନ୍ଦ୍ରନାଥ ଆଚାର୍ଯ୍ୟ, ମନୋଜ କୁମାର ଆଚାର୍ଯ୍ୟ, ଚନ୍ଦ୍ର ଶେଖର ଶତପଥି, ସୁବୋଧ କୁମାର ମିଶ୍ର, ସନ୍ତୋଷ କୁମାର ନନ୍ଦ, ପ୍ରଜାପତି ଷଡଙ୍ଗୀ, ଶୁଶାନ୍ତ କୁମାର ନନ୍ଦ, ପଦ୍ମ ଭୂଷଣ ଆଚାର୍ଯ୍ୟ, ଦେବ ରଞ୍ଜନ ପାଣି, ରାହୁଲ ପାହାଡ଼ୀ ଓ ଅନ୍ୟମାନେ ସହଯୋଗ କରିଥିଲେ। ପରିଷଦର ଉପସଭାପତି ରୁଦ୍ରଦତ୍ତ ଶତପଥି ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ପ୍ରଜାପତି ଷଡଙ୍ଗୀ, କାର୍ଯ୍ୟକାରୀ ସଭାପତି ଭାସ୍କର ନନ୍ଦ, ଉପସଭାପତି ରୁଦ୍ରଦତ୍ତ ସତପଥି, ଚନ୍ଦ୍ର ଶେଖର ସତପଥି, ରବୀନ୍ଦ୍ରନାଥ ଆଚାର୍ଯ୍ୟ, ସମ୍ପାଦକ ବିବେକାନନ୍ଦ କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସଦାନନ୍ଦ ଆଚାର୍ଯ୍ୟ, ସଂଗଠନ ସମ୍ପାଦକ ସୁବୋଧ କୁମାର ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରବୀର କୁମାର ଦୁବେ, ସୌରଭ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଦସ୍ୟ ଶୁଶାନ୍ତ କୁମାର ନନ୍ଦ, ଶୁଶାନ୍ତ କୁମାର ରଥ, ଶୁଶାନ୍ତ କୁମାର ହୋତା, ପଦ୍ମ ଭୂଷଣ ଆଚାର୍ଯ୍ୟ, ଅନ୍ନଦା ପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ନନ୍ଦ, ଆଶୁତୋଷ ଜ୍ୟୋତିଷ, ରତନ କୁମାର ଦିକ୍ଷୀତ, କୃଷ୍ଣ ମୁରାରି ସତପଥି, ମନୋଜ କୁମାର ଆଚାର୍ଯ୍ୟ, ଦେବ ରଞ୍ଜନ ପାଣି, ରାହୁଲ ପାହାଡ଼ୀ, ଅନିରୁଦ୍ଧ ଆଚାର୍ଯ୍ୟ, ମୃତ୍ୟୁଞ୍ଜୟ ପତି, ସିଦ୍ଧାର୍ଥ ଶଙ୍କର ପତି, ଦିବ୍ୟ ଶଙ୍କର ନାୟକ, ଶୁଭାଙ୍କାକ୍ଷୀ ଚୌଧୁରୀ, କାଞ୍ଚନ ବାଲା ମଲ୍ଲିକ, ରମାକାନ୍ତ ମଲ୍ଲିକ, ଶରତ ବିଶ୍ୱାଳ, ଜଳଧର ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

---

## ୨ୟ ସିଏମ୍ ଟ୍ରଫି ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତା

**ରାଉରକେଲା, ୧୬।୪(ସମିସ):** ସ୍ଥାନୀୟ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ୨ୟ ମୁଖ୍ୟମନ୍ତ୍ରୀ ଟ୍ରଫି ଆନ୍ତଃ ଜିଲ୍ଲା ଫୁଟବଲ୍ ପ୍ରତିଯୋଗିତା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଫୁଟବଲ ମ୍ୟାଚରେ ଗର୍ଜନ ଏଫସି ଦଳ ୧୦ ପଏଣ୍ଟ ପାଇ ବିଜୟୀ ହୋଇଥିଲା ବେଳେ ବିଶ୍ରା ଏବଂ ସେକ୍ଟର-୨୧ ଦଳ ୪ ପଏଣ୍ଟ ହାସଲ କରି ଉପବିଜେତା ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ରଘୁନାଥପଲ୍ଲୀ ତଥା ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ବାଳିକା ବିଭାଗର ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ବିକରାନୀ କିସପଟ୍ଟା ଏବଂ ସାମ୍ମାନୀୟ ଅତିଥି ଭାବରେ ରାଉରକେଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଦୁର୍ଗାମାଧବ ନାୟକ ମ୍ୟାଚ କମିଶନ ଭାବେ ଯୋଗ ଦେଇଥିଲେ।

### ଇସ୍ରୋ ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମ

## ଜିନ୍ଦଲ ସ୍କୁଲ ଛାତ୍ର ବିରାଟ ସିଂ ମନୋନୀତ

**ରାଉରକେଲା, ୧୬।୪(ସମିସ):** ଜିନ୍ଦଲ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ବିରାଟ ସିଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଦ୍ୱାରା ଆୟୋଜିତ ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ବିରାଟ ସିଂ ବିଶେଷ କରି ମହାକାଶ ବିଜ୍ଞାନ ଓ ଗବେଷଣା ପାଇଁ ନିଜର ନିଷ୍ଠା ଓ ଆଗ୍ରହ ପାଇଁ



ସେ ଏ ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ବିରାଟଙ୍କୁ ଜିନ୍ଦଲ ସ୍କୁଲର ଅଧ୍ୟକ୍ଷା ସଙ୍ଗୀତା ଦାସ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପିଲାଙ୍କ ମନରେ ପୁସ୍ତକ ଜ୍ଞାନ ଓ ଗବେଷଣାତ୍ମକ ଜ୍ଞାନ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଏହି ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିବା ବେଳେ ଉପଗ୍ରହ ପ୍ରଯୁକ୍ତି ବିଦ୍ୟା, ରକେଟ ଉତକ୍ଷେପଣ, ମହାକାଶ ଅଭିଯାନ ଓ ମହାକାଶ ପଦାର୍ଥ ବିଜ୍ଞାନ ସମ୍ପର୍କିତ ପ୍ରାକ୍ଟିକାଲ ଜ୍ଞାନ ହାସଲ କରିବା ପାଇଁ ଏହି କାର୍ଯ୍ୟକ୍ରମ ବହୁତ ସହାୟକ ହେବ। ଏହି କାର୍ଯ୍ୟକ୍ରମ ପାଇଁ ମନୋନୀତ ଛାତ୍ରଛାତ୍ରୀ ଦେଶର ବିଭିନ୍ନ ଇସ୍ରୋ ସେଣ୍ଟରରେ ବହୁ ପ୍ରତିଷ୍ଠିତ ମହାକାଶ ବିଜ୍ଞାନୀ ଓ ଗବେଷକଙ୍କଠାରୁ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବେ।

### ସିବିଏସ୍‌ଇ ଫଳାଫଳ

## ଅରବିନ୍ଦ ସ୍କୁଲର ଶତ ପ୍ରତିଶତ ପାସ୍

**ରାଉରକେଲା, ୧୬।୪ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଅରବିନ୍ଦ ସ୍କୁଲର ସମସ୍ତ ୮୭ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ପାସ କରିଛନ୍ତି। ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ବେଳେ ୧୬ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ, ୧୨ ଜଣ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ





ଉର୍ଦ୍ଧ୍ୱ, ୨୦ ଜଣ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ପରୀକ୍ଷାରେ ପାସ କରିଛନ୍ତି। ସ୍କୁଲର ଛାତ୍ର ଅୟନ କେଶରୀ ଆନି ୯୭.୯ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଥିବା ବେଳେ ନମନ ସେନ ୯୭.୪ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଏବଂ ଶୁଭଶ୍ରୀ ତନ୍ତି ୯୭ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ରହିଥିବା ଜଣାପଡ଼ିଛି।

## ଡ. ଏଏନ୍‌କେ ଡିଏଭି ସ୍କୁଲ୍‌ର ୫୧ ଛାତ୍ରଛାତ୍ରୀ ରଖିଛନ୍ତି ୯୦ ପ୍ରତିଶତ

**ରାଉରକେଲା, ୧୬।୪(ସମିସ):** ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷା ଫଳାଫଳରେ ଡ. ଏଏନକେ ଡିଏଭି ସ୍କୁଲ୍‌ର ଛାତ୍ରଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ମୋଟ ୨୫୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୧ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁହୃଦ ଶତପଥୀ ୯୮.୮







ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅନ୍ୱେଷା ବେହେରା ୯୮.୪ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଏବଂ ମନ୍ୟତ ମୁଗ୍ଧା ପଟ୍ଟନାୟକ ୯୮. ୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଅଗ୍ନି ସୁରକ୍ଷା ମକ୍‌ଡ୍ରିଲ୍

### ଡାଲମିଆ ମହାବିଦ୍ୟାଳୟ

**କୁତ୍ରା, ୧୬।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଡାଲମିଆ ମହାବିଦ୍ୟାଳୟରେ ବୁଧବାର ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ଅଗ୍ନି ସୁରକ୍ଷା ମକ୍‌ଡିଲ୍ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ଅଧ୍ୟକ୍ଷତା କରି ଅଗ୍ନି ଉପଶମ ବିଷୟରେ ବକ୍ତବ୍ୟ ରଖିଥିଲେ। କୁତ୍ରା ଅଗ୍ନିଶମ ବାହିନୀ ଗୁଣାକର ନାଏକ ଅଗ୍ନି ସୁରକ୍ଷା ଓ ସଚେତନତା ବିଷୟରେ ଆଲୋଚନା କରିଥିଲେ। ସୁଧାଂଶୁ ଶେଖର ପରିଡ଼ା ଅଗ୍ନି ନିର୍ବାପନ ଯନ୍ତ୍ରର ବ୍ୟବହାର ବିଷୟରେ ସୂଚନା ଦେଇଥିଲେ। କୁତ୍ରା ଅଗ୍ନିଶମ ବାହିନୀର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ, ମହାବିଦ୍ୟାଳୟର ଅଧାପକ ଅଧାପିକା ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ୧୯ରେ ସାଇନିଂ ରକର୍ସ ଏକାଡେମୀର ବାର୍ଷିକ ଉତ୍ସବ




**ରାଉରକେଲା, ୧୬।୪(ସମିସ):** ଆସନ୍ତା ଏପ୍ରିଲ ୧୯ ତାରିଖରେ ରାଉରକେଲା କ୍ଲବ ଠାରେ ସାଇନିଂ ରକର୍ସ ଏକାଡେମୀର ବାର୍ଷିକ ଉତ୍ସବ 'ଓଡ଼ିଶା ସାଇନିଂ ଆଇକନ୍ସ ସିଜିନ ୧୦' ଆୟୋଜିତ ହେବ। ଏନେଇ ସାଇନିଂ ରକର୍ସ ଏକାଡେମୀର ପ୍ରତିଷ୍ଠାତା ଲିନା ବିଶ୍ୱାଳ ସୂଚନା ଦେଇଛନ୍ତି। ବାର୍ଷିକ ଉତ୍ସବ ପୂର୍ବରୁ ୧୮ ତାରିଖ ଦିନ ବିଭିନ୍ନ ବର୍ଗରେ ଟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ଆୟୋଜିତ ହବ। ଏହି ପ୍ରତିଯୋଗିତାକୁ ରାଉରକେଲାର ୨ ଜଣ ବିଚାରକ ଯୋଗ ଦେଇ ମୂଲ୍ୟାୟନ କରିବେ। ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ୧୯ ତାରିଖ ସଂଧ୍ୟାରେ ଆୟୋଜିତ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ ଏହି ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀମତୀ ବିଶ୍ୱାଳ ସୂଚନା ଦେଇଥିଲେ। ଏଥିସହ ଉକ୍ତ ସନ୍ଧ୍ୟାର ରନୱେ ଡିଜାଇନର ଭାବରେ ବେଶ୍ ପ୍ରଶଂସିତ 'ଚିତ୍ରା ହ୍ୟାଣ୍ଡକ୍ରାଫ୍ଟ ହ୍ୟାଣ୍ଡଲୁମ୍' ଯୋଗ ଦେବା ସହ ଅଫିସିଆଲ୍ ଆଙ୍କର୍ ଭାବେ ଶୁଭଜିତ ପଣ୍ଡା ଉପସ୍ଥିତ ରହିବେ। ଗ୍ରାଣ୍ଡ ଫିନାଲେ ରାଉଣ୍ଡ ପାଇଁ ମୁମ୍ବାଇର ସୁଶ୍ରୀ ତନିସା ଅଗ୍ରୱାଲ ଏବଂ ଅନୀତା ମଣ୍ଡଳଦାସ ବିଚାରକ ତଥା ଅଫିସିଆଲ୍ ଜୁରୀ ସଦସ୍ୟ ଭାବେ ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ ବବିତା ମହାରଣା, ନିତ୍ୟାଞ୍ଜଳି ପରିଡ଼ା, କଲ୍ୟାଣୀ ଦାସ, ଚିନୁ ରାଉତ, ବର୍ଣ୍ଣାଳୀ ରାଉତ, ସୋନୁ ମୁଖାର୍ଜୀ, ସୁନୀଲ କୁମାର ସୋନି, ମୁରଲୀ ମୋହନ ପଟ୍ଟନାୟକ, ଦୀପ ହାଜରା, ପପାୟା ମୁଖାର୍ଜୀ, ପ୍ରବୀଣ ଚାୱାଡାଙ୍କ ସମେତ 'ଲାକମେ ଏକାଡେମୀ'ର ରାଉରକେଲା ମୁଖ୍ୟ ପ୍ରଦ୍ୟୁମ୍ନ ରାଉଳ ପ୍ରମୁଖ ସହାୟତାର ହାତ ବଢ଼ାଇଥିବା ଶ୍ରୀମତୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଆର୍‌ଏସ୍‌ପି ଟ୍ରାଫିକ ଓ କଞ୍ଚାମାଲ ବିଭାଗର କର୍ମଚାରୀ ପୁରସ୍କୃତ

**ରାଉରକେଲା, ୧୬।୪(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ସିଜିଏମ କୌଶିକ ସୁନୟାନି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଭାଗର ୧୩ ଜଣ କର୍ମଚାରୀଙ୍କୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସିଇଏମ ବିଭାଗର ଭରପ୍ରାପ୍ତ ଜିଏମ ସନ୍ତୋଷ କୁମାର ପୋଲାକି, ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ତଥା ଏଚଆର ସିଏଲସି ଓ ଏଚଏମଇ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସୁନୟାନି ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଏହା କାରଖାନା ଏବଂ ବିଭାଗର ଉତ୍ପାଦନ ଏବଂ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବାରେ କିପରି ସାହାଯ୍ୟ କରିଛି ତାହା ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଇଓଟି କ୍ରେନ୍ ନମ୍ବର ୭୬୫ର ବୈଦ୍ୟୁତିକ ପ୍ୟାନେଲ୍‌କୁ ସଫଳତାର ସହିତ ପ୍ରତିବଦଳ କରିବା ସମେତ ୭୦୦ ଏଚପି,



ବିଏଚଇଏଲ ଲୋକୋମୋଟିଭ୍ ଅଲ୍ଟରନେଟରର ସଫଳ ମରାମତି ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ଉତ୍ସବକୁ ବିଭାଗୀୟ ଜିଏମ ପି. ଟୁଡୁ ସଂଯୋଜନା ଓ ପରିଚାଳନା କରିଥିଲେ।

## କାର୍ ଧକ୍କାରେ ୩ ଗୁରୁତର

ଡୁଙ୍ଗୁରିପାଲି,୧୬ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବଡ଼ଫଟାମୁଣ୍ଡା ଛକ ନିକଟରେ କାର ଧକ୍କାରେ ୩ଜଣ ଗୁରୁତର ହୋଇଛନ୍ତି । ଖୁସାମାଲ ଗ୍ରାମର ନିରଂଜନ ଦୀପ ତାଙ୍କ ମା' ଦ୍ରୋପଦୀ ଦୀପଙ୍କୁ ସାଙ୍ଗରେ ଧରି ଏକ ବାଇକ୍ ଯୋଗେ ଡୁଙ୍ଗୁରିପାଲି ସାପ୍ତାହିକ ବଜାରକୁ ଆସୁଥିଲେ । ସେହି ସମୟରେ ଗଧାପାଲି ଗ୍ରାମର ଗୁଣନିଧି ସେଠି ଏକ ବାଇକ୍ ଯୋଗେ ବରଫ ବିକି ଘରକୁ ଫେରୁଥିଲେ । ବଲାଙ୍ଗୀର ପଟୁ ଏକ କାର ଦ୍ରୁତ ଗତିରେ ଆସି ପଛପଟୁ ଦୁଇ ବାଇକ୍‌କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ମାରିଥିଲା । ସମସ୍ତେ ରାସ୍ତାରେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସେଠାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଡୁଙ୍ଗୁରିପାଲି ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

## ବୃଦ୍ଧଙ୍କ ଉପରେ ଚଢିଗଲା ସିମେଣ୍ଟ ବୋଝେଇ ପିକ୍‌ଅପ୍

ବୌଦ୍ଧ,୧୬ ।୪(ସମିସ): ବୌଦ୍ଧ ସହର ବାଉଁଶୁଣୀ ଥାନା ଡିମିରିପାଲି ଛକ ନିକଟରେ ଜଣେ ବୃଦ୍ଧଙ୍କ ଉପରେ ଏକ ସିମେଣ୍ଟ ବୋଝେଇ ପିକ୍‌ଅପ୍ ଚଢି ଯାଇଛି । ଡିମିରି ପାଲି ଗ୍ରାମର ଗଙ୍ଗାଧର ମହାକୁଡ ଗୁରୁତର ଆହତ ହୋଇଛନ୍ତି । ସେ କୌଣସି କାମରେ ଡିମିରିପାଲି ଛକ ଆଡକୁ ଆସିଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନା ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି ।

## ୬୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବୌଦ୍ଧ,୧୬ ।୪(ସମିସ): ବୌଦ୍ଧ ଥାନା ତାମ୍ବିଦରହ ନିକଟରୁ ୬୦ କେଜି ଗଞ୍ଜେଇ ଜବତ କରି ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ପୁଲିସ ଟିମ୍ ପାଟ୍ରୋଲିଂ ଚଳାଇଥିବା ବେଳେ ତାମ୍ବି ଦରହ ନିକଟରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଦେଖି ଚଢଉ କରିଥିଲା ।

## ଅଗ୍ନି ବିପନ୍ନ ପରିବାରକୁ ଭଣ୍ଡେଇଦେଲା ପ୍ରଶାସନ

ବୌଦ୍ଧ,୧୬ ।୪(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗ୍ରାମର ଅମ୍ବରିସ ମାଝୀଙ୍କ ପରିବାର ପଲିଥିନ ତଳେ ଆଶ୍ରୟ ନେଇଛନ୍ତି । ମାର୍ଚ୍ଚ ୧୯ ତାରିଖ ସକାଳ ସାଢେ ୧୦ଟା ବେଳେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଭସ୍ମୀଭୂତ ହୋଇ ଯାଇଛି । ଘରେ ପରିବାରର କୌଣସି ସଦସ୍ୟ ଉପସ୍ଥିତ ନ ଥିଲେ । କୌଣସି କାରଣରୁ ଏହି ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ଗ୍ରାମବାସୀ ନିଆଁକୁ ଆୟତ୍ତ କରି ନ ପାରିବାରୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ୨ ବଖରା ଘର ସମ୍ପୂର୍ଣ୍ଣ ପୋଡି ଭସ୍ମୀଭୂତ ହୋଇ ଯାଇଥିଲା । ଏଥିରେ ୧୫ ବସ୍ତା ଧାନ ଓ ନଗଦ ୧୦ ହଜାର ଟଙ୍କା ପୋଡ଼ି ନଷ୍ଟ ହୋଇ ଯାଇଛି । ରାଜସ୍ୱ ନିରୀକ୍ଷକ ଲିପିକା ସାହୁ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ଗୋଟିଏ ଜରି ପାଲ ଦେଇଥିଲେ । ଆଜିକୁ ପ୍ରାୟ ମାସେ ବିତିଯାଇଥିଲେ ମଧ୍ୟ ଆଉ କୌଣସି ସହାୟତା ମିଳିନାହିଁ । ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଏହି ପଲିଥିନ ତଳେ ଅଗ୍ନି ବିପନ୍ନ ପରିବାର କିପରି ଦିନ କରୁଥିବେ ତାହା ସହଜେ ଅନୁମେୟ । ଶୀଘ୍ର ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା

କନ୍ଧମାଳ,୧୬ ।୪(ସମିସ): ପବିତ୍ର ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଉପଲକ୍ଷେ କନ୍ଧମାଳ ବଜରଙ୍ଗ ଦଳ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା । ଗିରିଗୋବର୍ଦ୍ଧନ ପୀଠଠାରୁ ଏକ ବିରାଟ ପଟୁଆର ବାହାରିଥିଲା । ତହସିଲ ଛକ, ବ୍ଲକ୍ ଛକ, ମେଡିକାଲ ଛକ, ହାଟପଦା ଛକ, ବିଜୁ ପଟ୍ଟନାୟକ ଛକ, ବ୍ୟାଙ୍କ ଛକ, ବସ୍‌ଷ୍ଟାଣ୍ଡ ଛକ ହୋଇ କାଳରାକୋଠାରେ ସମସ୍ତେ ପହଞ୍ଚିଥିଲେ ।

# ଡୋଡ଼କାଗୁଡ଼ା ଜଙ୍ଗଲରେ ନିଆଁ; ବର୍ତ୍ତିଗଲା କଫି ବଗିଚା

ଥୁଆମୂଳରାମପୁର,୧୬ ।୪(ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଡୋଡକାଗୁଡା ଜଙ୍ଗଲରେ ଗୁରୁବାର ମଧ୍ୟାହ୍ନ ସମୟରେ ହଠାତ୍ ନିଆଁ ଲାଗିଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରାୟ ଦୁଇଟା ସମୟରେ ଅସାବଧାନତା କିମ୍ବା ଅବହେଳା ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ନିଆଁ ଦ୍ରୁତ ଗତିରେ ଜଙ୍ଗଲ ଭିତରକୁ ପ୍ରସାରିତ ହେଉଥିବା ବେଳେ ଡୋଡକାଗୁଡା ବାସିନ୍ଦା ଦଶରଥ ନାଗ ତୁରନ୍ତ ଥୁଆମୂଳରାମପୁର ଅଗ୍ନିଶମ ବିଭାଗକୁ ସୂଚନା ଯୋଗାଇଥିଲେ । ସୂଚନା ପାଇ ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ଅଗ୍ନିନିବାରଣ କାର୍ଯ୍ୟ ଆରମ୍ଭ କରିଥିଲେ । ଉଲ୍ଲେଖନୀୟ ଯେ, ଏହି ଜଙ୍ଗଲ ଅଞ୍ଚଳର ପ୍ରାୟ ୫୦ ଏକର ଜମିରେ




୨୦୨୩-୨୪ ଆର୍ଥିକ ବର୍ଷରୁ କଫି ଚାଷ ପାଇଁ ଚାରାରୋପଣ କରାଯାଇଥିଲା । ନିଆଁ ଦ୍ରୁତ ଗତିରେ ପ୍ରସାରିତ ହେଉଥିବାରୁ କଫି ଗଛ ଓ ପ୍ରାକୃତିକ ଜଙ୍ଗଲ ଉଦ୍ଭିଦ ଭୟଙ୍କର କ୍ଷତିର ସମ୍ଭାବନା ଥିଲା । ସମୟରେ ସୂଚନା ମିଳିବା ଓ ତୁରନ୍ତ ପଦକ୍ଷେପ ନେବାରୁ ବଡ଼ ଧ୍ୱଂସ ଟଳିଯାଇଛି । ଅଗ୍ନିଶମ ବିଭାଗର ହାବିଲଦାର ବନମାଳୀ ପୁଜାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଅବିନାଶ କିଶାନ, ଡି.ଆର୍ ସାହୁ, ଏସ୍.ଏସ୍ ନିଆଲ, ସାନ୍ତନୁ ଦିଗାଲ୍ ଓ ଏସଏଆର୍ ଇସଲାମ ଘଣ୍ଟାଧରି କଠିନ ପରିଶ୍ରମ କରି ଅବଶେଷରେ ନିଆଁକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ । ସ୍ଥାନୀୟ ଲୋକମାନଙ୍କ ମତରେ, ଯଦି ସୂଚନା ଦେବାରେ ବିଳମ୍ବ ହୋଇଥାନ୍ତା, ତେବେ କଫି ବଗିଚା ସହ ଜଙ୍ଗଲର ବିଶାଳ ଅଂଶ ଜଳି ନଷ୍ଟ ହୋଇଥାଆନ୍ତା ।

## ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ତରଭା ନବୋଦୟର ଶତ ପ୍ରତିଶତ ଫଳାଫଳ

### ● ୯୬.୨ ପ୍ରତିଶତ ମାର୍କ ରଖି ପୀୟୂଷ ହୋତା ବିଦ୍ୟାଳୟ ଟପ୍ପର



ତରଭା,୧୬ ।୪(ସମିସ): ସିବିଏସ୍‌ଇ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ତରଭା ପିଏମ୍‌ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ପୀୟୂଷ କୁମାର ହୋତା ୯୬.୨ ପ୍ରତିଶତ ମାର୍କ ଆଣି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ଏହି ବିଦ୍ୟାଳୟର ୮୧ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୧୭ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ଆଣିଛନ୍ତି । ୬୧ ଜଣ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ପ୍ରଥମ ସ୍ଥାନରେ ପାସ କରିଛନ୍ତି । ବିଦ୍ୟାଳୟର ଶୁଭମ ଦାସ ୯୪ ପ୍ରତିଶତ ଓ ଶକ୍ତିଦେବ ବେହେରା ୯୩.୬ ପ୍ରତିଶତ ମାର୍କ ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି ।

### ■ ତରଭା ଓଏଭିର ସୁଚିସ୍ମିତା ଦାସ ବ୍ଲକ୍ ଟପ୍ପର

ତରଭା,୧୬ ।୪(ସମିସ): ତରଭା ବ୍ଲକ୍ ଜାମକାନି ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସୁଚିସ୍ମିତା ଦାସ ସିବିଏସଇ ମାଟ୍ରିକ ପରୀକ୍ଷାରେ ୯୮ ପ୍ରତିଶତ ମାର୍କ ରଖି ବ୍ଲକ ଟପ୍ପର ହେବାର ସୌଭାଗ୍ୟ ଲାଭ କରିଛନ୍ତି । ସୁଚିସ୍ମିତା ୫୦୦ରୁ ୪୯୦ ମାର୍କ ରଖିଛନ୍ତି । ଏହି ବିଦ୍ୟାଳୟର ମୋଟ ୭୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୭୧ ଜଣ ପାସ୍ କରିଛନ୍ତି । ତନ୍ମଧ୍ୟରୁ ୮ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବାବେଳେ ୫୪ ଜଣ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି । ଏହି ବିଦ୍ୟାଳୟର ପ୍ରତିଷ୍ଠା ସାହୁ ୯୫.୮୦ ପ୍ରତିଶତ ଓ ସାଇନାଥ ମହଲା ୯୫.୬୦ ପ୍ରତିଶତ ମାର୍କ ଆଣି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୯୮ ପ୍ରତିଶତ ମାର୍କ ଆଣି ବିଦ୍ୟାଳୟ ସହ ତରଭା ବ୍ଲକ ଟପ୍ପର ହୋଇଥିବା ସୁଚିସ୍ମିତା ହେଉଛନ୍ତି ନିକଟସ୍ଥ ବୈରାସର ନିବାସୀ ପ୍ରିୟଙ୍କା ଓ ଗୌରୀଶଙ୍କର ଦାସଙ୍କ ଝିଅ । ଦୈନିକ 'ସକାଳ'କୁ ଏକ ସାକ୍ଷାତକାରରେ ସୁଚିସ୍ମିତା ସଫଳତାର ଶ୍ରେୟ ଶିକ୍ଷକ ଓ ଅଭିଭାବକଙ୍କୁ ଦେଇଛନ୍ତି । ଆଗକୁ ବିଜ୍ଞାନ ପଢିବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରିବା ଜୀବନର ଲକ୍ଷ୍ୟ ବୋଲି ସୁଚିସ୍ମିତା କହିଛନ୍ତି ।



## ଦେଓଗାଁ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର



ଦେଓଗାଁ,୧୬।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ବୁଧବାର ଯୁବ ରେଡକ୍ରସ ଓ ଜାତୀୟ ସେବା ଶିବିର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ଶିବିର ଯୋଜନାର ପ୍ରୋଗ୍ରାମ ଅଧିକାରୀ ଆଶିଷ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଭାବେ କଲେଜର ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଶିବିରରେ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଯୁବ ରେଡକ୍ରସ ସଂଯୋଜକ ମଳୟ ରଞ୍ଜନ ରଣା, ସରୋଜ ସାହୁ, ଉଦୟନାଥ ରଥ, ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ, ରିତିକ ମେହେର, ସାରଦା ଭଞ୍ଜଦେଓ, ରୋଜାଲିନ ସାହୁ, ଆକାଂକ୍ଷା ପୁରୋହିତ, ରୋଜାରାଣୀ ପ୍ରଧାନ, ଅନ୍ୱେଷା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବୀଣାପାଣି ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

ବେଲପଡା,୧୬।୪(ସମିସ): ବେଲପଡା ବ୍ଲକ୍ ଦୁମାଭଟା ବୀଣାପାଣି ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ କରାଯାଇଛି । ଅଧ୍ୟକ୍ଷା ମମତା ସେନାପତି ଏଥିରେ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ଦିନେଶ ଚନ୍ଦ୍ର ସୁନା, ତପୁ ମଲ୍ଲିକ, କେସାନ ବିଶି, ସୁନା ସେଠି, ରାଜ ଅଭିଷେକ ସାହୁ, ଅଭିଜିତ ମହାନ୍ତି, ଅଧ୍ୟାପିକା ନିତୁ ମେହେର ଶାମୁକା ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ । ଯତୀନ ମଲ୍ଲିକ ଓ ପ୍ରଦୀପ ବୁଡ଼େକ ସହଯୋଗ କରିଥିଲେ । ଅଧ୍ୟାପକ ସାନ୍ତା ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ ।



## ଶ୍ରୀ ଅରବିନ୍ଦ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



ବୀରମହାରାଜପୁର,୧୬ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ରାଣୀପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୀରମହାରାଜପୁର ମହାବିଦ୍ୟାଳୟର ଅଧକ୍ଷ ଡ. ହିମାଂଶୁ ପାଢୀ, ଶାଶ୍ୱତ ତ୍ରିପାଠୀ, ନାରାୟଣ ଲୁହା, ଧର୍ମ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ସଂପାଦକ ମନୋରଞ୍ଜନ ଦାଶ ସଭାପତିତ୍ୱ କରିଥିବା ବେଳେ ମିଲି ପଣ୍ଡା ସ୍ୱାଗତ କରିଥଲେ । ଶେଷରେ ରୁଦ୍ର ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀରାଜ ବିଶ୍ୱାଳ ସଂଯୋଜନା କରିଥିଲେ ।

## ବାଲ୍ୟ ବିବାହ କୁପରିଣାମ ଉପରେ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୧୬ ।୪(ସମିସ ): ବୌଦ୍ଧ ବ୍ଲକ ଆମ୍ବଝରି ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର, ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ବାଲ୍ୟ ବିବାହ କୁପରିଣାମ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲ୍ୟ ବିବାହର କୁପରିଣାମ, ଏହାକୁ କିପରି ରୋକଯାଇ ପାରିବ, ବାଲ୍ୟ ବିବାହ ନେଇ ରହିଥିବା ଦଣ୍ଡ ବିଧାନ ଉପରେ ଆଲୋଚନା ହୋଇଥିଲା । ସ୍ମିତା ପଟ୍ଟନାୟକ, ଶ୍ୱେତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୧୬ ।୪(ସମିସ): ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ତରଫରୁ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବୌଦ୍ଧ ଟାଉନ ହଲ ପର୍ଯ୍ୟନ୍ତ ଯାଇଥିଲା । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।



# ବିଭିନ୍ନ ସ୍ଥାନରେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଜୟନ୍ତୀ







ବୌଦ୍ଧ,୧୬ ।୪(ସମିସ)

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡ଼. ବି.ଆର ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି । ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ବୌଦ୍ଧ ଶାଖା ପକ୍ଷରୁ ଓଡିଆ ପକ୍ଷ ଅବସରରେ ଓଡିଆ ନବବର୍ଷ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସାଂସଦ ସୁକାନ୍ତ ପାଣିଗ୍ରାହୀ, ଜିଲ୍ଲାପାଳ ବୌଦ୍ଧ ବିଭୁତି ଭୂଷଣ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ ପ୍ରମୁଖ ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଡ. ବି ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଡେପୁଟି କଲେକ୍ଟର ଅଙ୍କିତା ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ରଞ୍ଜନ ବେହେରା, ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ମହାପାତ୍ର, ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ ପ୍ରମୁଖ ମଞ୍ଚାସୀନ ଥିଲେ । ସକାଳେ ବୌଦ୍ଧଗଡ଼ ପୌର ପରିଷଦର ସଫେଇ କର୍ମଚାରୀଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନରେ ସହରର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିଭଳି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଜିଲ୍ଲା ସଂଗ୍ରହାଳୟଠାରେ ଚିତ୍ରାଙ୍କନ, କୌତୁକ ବେଶ ପୋଷାକ, ମହିଳାଙ୍କ ମଧ୍ୟରେ ଝୋଟି ଏବଂ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସାହିତ୍ୟିକ ଚିତ୍ତରଞ୍ଜନ ଦାଶ, ରମେଶ ପ୍ରସାଦ ମେହେର, ସୁଶାନ୍ତ ମହାପାତ୍ର, ନବକିଶୋର ଦୀପ, ଶିକ୍ଷକ ବିଭୁତି ପୃଷ୍ଟି, ସ୍ୱସ୍ତିକା ବିଶି, ଡେପୁଟି କଲେକ୍ଟର ସ୍ୱସ୍ତି ମହାପାତ୍ର, ସିଡିପିଓ ୱାହିଦା ବେଗମ, ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବଶରୀ ଆମ୍ବେଦକର ସେବାପରିଷଦ ଦ୍ୱାରା ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି । ପରିଷଦର ସଭାପତି ସମ୍ପତି ବାଘ ଅଧକ୍ଷତା କରିଥିଲେ । ଯୁବକମାନେ ଦୋଲାବାଲି ନିକଟସ୍ଥ ଡେମଛକଠାରୁ ବେହେରାପଡା, ମାର୍ଡୋଲ, ଲମ୍ବଶରୀ, କୁଲହିଆପାଲି ଗ୍ରାମ ଦେଇ ୬. କିଲୋମିଟର ପଦଯାତ୍ରା କରିଥିଲେ । ଗଡଫେସେପେରେଡି ନିକଟସ୍ଥ କ୍ରିକେଟ ପଡ଼ିଆରେ ଜୟନ୍ତୀ ପାଳନ କରାଯାଇଥିଲା । ସୁନିଲ ହରିପାଲ, ସୁବ୍ରତ ଜଗଦଲା, ରାଜେନ୍ଦ୍ର ଦୀପ, ବିଭୁ ଭୂଷଣ ବେହେରା, ସୋନ୍ଦର୍ଯ୍ୟ ସୁନା, ବୀଭୁ ରାଜହଂସ, କେଶବ ଭୋଇନା, ତହସିଲ ଦୀପ, କୈଳାଶ ବଣ୍ଡକି, ଶାନ୍ତନୁ ଭୋଇନା ପ୍ରମୁଖ ମଞ୍ଚାସୀନ ଥିଲେ । ସଂଜୀବ ଭୋଇନା ମଞ୍ଚ ପରିଚାଳନା କରିଥିଲେ । ରାମଚନ୍ଦ୍ର ଭୋଇନା, ମିଥୁନ ମହାନନ୍ଦ, ରାଜେଶ ବଣ୍ଡକି, ଜ୍ୟୋତି ମହାନନ୍ଦ, ଗୌରାଙ୍ଗ, ବିଶେଶ୍ୱର ଭୋଇନା, ଅମିତ୍ ଭୋଇନା, ମନିତ ଭୋଇନା ପ୍ରମୁଖ ସାମିଲ ହୋଇଥିଲେ ।

**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଡ. ଆମ୍ବେଦକର କଲ୍ୟାଣ ସମିତି ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି । ସଙ୍ଘ ସଭାପତି ଜ୍ୟୋତି ମହାନନ୍ଦଙ୍କ ନେତୃତ୍ୱରେ ସଦସ୍ୟମାନେ କଲରାକୋଠା କାଳୀ ମନ୍ଦିର ନିକଟରୁ ବାହାରି କଣ୍ଟାମାଳ ତହସିଲ ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ବିଶ୍ୱଜିତ ହରିପାଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥଲେ । ସେହିଭଳି ଘଣ୍ଟାପଡାଠାରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ବିନୟ ଭୋଇ, ହାଡିବନ୍ଧୁ ବାଘ, ସଜିଲ ଜେନା, ଅକ୍ରୁର ହରିପାଲ, ଘଣ୍ଟାପଡା ସରପଞ୍ଚ ରିତା କହଁର, ସମିତି ସଭ୍ୟା ସସ୍ମିତା ବାଘ, ନବକିଶୋର ବାଗ, ରଞ୍ଜିତ ସୁନା, ମଦନ ହରିପାଲ ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟପକ୍ଷେ କଣ୍ଟାମାଳ ସୋସିଆଲ ଟ୍ରଷ୍ଟ ସଭାପତି ସୁଶୀଲ ହରିପାଲଙ୍କ ନେତୃତ୍ୱରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଛି । କଣ୍ଟାମାଳ କୋର୍ଟ ଛକ, କଳରାଖୋଠା ଓ କଲେଜ ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା । ଲୁଭଧର ସୁନା ସ୍ୱାଗତ ଭାଷଣ ଦେଇଥିଲେ । ଚିନ୍ତାମଣି ନାଗ, ସୁଶାନ୍ତ ଛତ୍ରିଆ, ଗୋପାଳ ମହାନନ୍ଦ, ସନ୍ତୋଷ ନାଗ, ରାମ ନାଗ, ସୁଶାନ୍ତ ମହାନନ୍ଦ, ମହେଶ୍ୱର କୁମ୍ଭାର, ସୁଧୀର ମହାକୁଡ, ସରୋଜ ପ୍ରଧାନ, ବୌଦ୍ଧ ଜିଲ୍ଲା କଂଗ୍ରେସ ସଭାପତି ଅବଦୁଲ କଲିମ ଖାଁ, ପିତାମ୍ବର ବିଭାର, ପ୍ରକାଶ ହରିପାଲ, ତରଭା ଗଣ୍ଡା ସମାଜ ବ୍ଲକ୍ ସଭାପତି ସୁଶୀଲ ମଲ୍ଲିକ, ତରଭା ଲକ୍ଷେ ଘର ଗଣ୍ଡା ସମାଜ ସାଧାରଣ ସମ୍ପାଦକ ସୁଦାମ ଚରଣ ନାଗ, ତପନ ନାୟକ, ଅବଦୁଲ କଲିମ ଖାଁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରତ୍ୟୁଷ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱନାଥ ସୁନା, ସଚ୍ଚିକାନ୍ତ ଛତ୍ରିଆ, ଗୁରୁଦେବ ମହାନନ୍ଦ, ରୋହିତ ନାଗ, ଦିର୍ଜୁ ବେହେରା, ଶ୍ରୀକାନ୍ତ ଛତ୍ରିଆ ଓ ଲାଲମଣି ବେହେରା ପ୍ରମୁଖ ସହଯୋଗ କରିଥିଲେ ।



**ସଇଁତଲା:** ସଇଁତଲା ବ୍ଲକ ଧରପଗଡ଼ ପଞ୍ଚାୟତ ପେଣ୍ଡରାମାଲ ଗାଁ (ଗଣ୍ଡାପଡା) ଆୱାର୍ଡ କ୍ଲବ୍ ପରିସରରେ ଅମ୍ବେଦକର ସେବା ସଂଘର ଆୟୋଜନାରେ ଭାରତ ରତ୍ନ ଡା. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଅନିଲ ମଲିକ (ଓଡିଶା ଭୀମ ଆର୍ମି ଉପସଭାପତି), ବୀରେନ୍ଦ୍ର ବାଗ, ବିନୋଦ ନାଗ, ହରିଶ ସୁନା, ପ୍ରେମରାଜ ପାଣ୍ଡେ, ଖୁସିରାମ ଯାନୀ, ମନେଶ ସୁନା, ଗୋକୁଳାନନ୍ଦ ବଗର୍ତୀ, ଶୁଭ ଛତ୍ରିଆ, ଅଶୋକ ନାଗ ଓ ସାମୂଳ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ତରୁଣ ସୁନା ପରିଚାଳନା କରିଥିବା ବେଳେ ମନେଶ ସୁନା ଧନ୍ୟବାଦ ଜ୍ଞାପନ କରିଥିଲେ । ସଂଘର ସଭାପତି ଶଶିକାନ୍ତ କୁମାରଙ୍କ ନେତୃତ୍ୱରେ ସମ୍ପାଦକ ଦିନ ମହାନନ୍ଦ, ଉପସଭାପତି ବିକ୍ରମ ମହାନନ୍ଦ, ଉପ ସମ୍ପାଦକ ଅମ୍ବୁ ମହାନନ୍ଦ ଓ କୋଷାଧ୍ୟକ୍ଷ ମାରୁତି ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

**ବେଲପଡା:** ବଲାଙ୍ଗୀର ଜିଲ୍ଲା ବେଲପଡା କଟାପଟା ନିକଟ ଆମ୍ବେଦକର ଛକଠାରେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏହାକୁ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ମୂଳନିବାସୀ ଆସୋସିଏସନ ସଭାପତି ବଳରାମ ସୁନା, ସଂପାଦକ ରାଜେଶ ତାଣ୍ଡିଙ୍କ ନେତୃତ୍ୱରେ ଭୀମ ଆର୍ମି ଦଳ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମ କରିଥିଲେ ।



■ ରବିଚାଷ ପଞ୍ଜୀକରଣରୁ ବାଦ୍ ପ୍ରସଙ୍ଗରେ ବୈଠକ

# ଦାବି ନ ଶୁଣିଲେ ପ୍ରତି ପଞ୍ଚାୟତରେ ହେବ ଆନ୍ଦୋଳନ

**କୋକସରା, ୧୬।୪(ସମିସ)**



ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳର ଚାଷୀମାନେ ଚଳିତ ବର୍ଷ ରବି ଚାଷ ଧାନ ବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଅନେକ ଥର ଦାବିପତ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ ପରେ ବି କୌଣସି ସୁଫଳ ମିଳୁନାହିଁ। ଏନେଇ ଗୁରୁବାର ପୂର୍ବାହ୍ନରେ କୋକସରା ବ୍ଲକ କୃଷକ ସଚେତନତା ମଞ୍ଚ ତରଫରୁ ଚାଷୀମାନେ ଏକତ୍ରିତ ହୋଇ ବ୍ଲକ ସଦର ମହକୁମାସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ବୈଠକ କରି ସରକାର ଯଦି ଦାବି ନ ଶୁଣିଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ମେଗା ଉଠାଜଳସେଚନ ମାଧ୍ୟମରେ ପାଣି ଯୋଗାଣ ହେବା ପରେ ଚାଷୀମାନେ ଧାର କରଜ ଓ ବ୍ୟାଙ୍କ, ସମବାୟ ଋଣ କରି ଚାଷ କାମ କରିଛନ୍ତି। ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଅନଲାଇନ ପାଇଁ ଟୋକନ ଥିଲେ ମଧ୍ୟ ଉଠାଜଳସେଚନ ବିଭାଗ ଆସି ନଥିବାରୁ ଅଞ୍ଚଳର ଶହ ଶହ ଚାଷୀ ପଞ୍ଜୀକରଣ କରିବାରୁ ବଞ୍ଚିତ ହୋଇଛନ୍ତି। ଯାହାଫଳରେ ଚାଷୀମାନେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଧାନ ବିକ୍ରି ଲାଗି ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବୈଠକରେ ଉପସ୍ଥିତ ଚାଷୀମାନଙ୍କ ଆଲୋଚନା ଓ ମତାମତ ଅନୁସାରେ ଅସନ୍ତା ୨୨ ତାରିଖରେ କୋକସରା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀମାନେ ଦିନକ ପାଇଁ ଧାରଣା ଦେବାପାଇଁ ସ୍ଥିର ହୋଇଥିବା ବେଳେ ଆଗାମୀ ଦିନରେ ଯଦି ଦାବି ନ ଶୁଣିଲେ ଚାଷୀମାନେ ସରକାର ବିରୋଧରେ ଜନସ୍ୱାସ୍ଥ୍ୟ ମାମଲା ଦାୟର କରିବା ପାଇଁ କଡ଼ା ଚେତାବନୀ ଦେଇଛନ୍ତି।ବୈଠକରେ ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ, ଗୋବର୍ଦ୍ଧନ ବାଗ, ମୀନକେତନ ପ୍ରଧାନୀ, ଧନେଶ୍ୱର ପ୍ରଧାନୀ, ଦୁର୍ଗା ଚିନ୍ଦା, ଉମେଶ ପ୍ରଧାନୀ, ବିନୋଦ ନାଏକ, ଲଲାଟେନ୍ଦୁ ପ୍ରଧାନୀ, ପିତାମ୍ବର ପଟ୍ଟନାୟକ, ଭାବଗ୍ରାହୀ ପ୍ରଧାନୀ, ନିମାଇଁ ଚରଣ ଧାଙ୍ଗଡ଼ା ମାଝି ସମେତ କୋକସରା ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।

# ପୂର୍ବତନ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ୩ ବର୍ଷ ଜେଲ

**ଭବାନୀପାଟଣା/ନୂଆପଡ଼ା, ୧୬।୪(ସମିସ):** ନୂଆପଡ଼ା ଜିଲ୍ଲାର ପୂର୍ବତନ ଜିଲ୍ଲା ଶ୍ରମ ଅଧିକାରୀ ଶରତ କୁମାର ପାଣିଗ୍ରାହୀ ୨୦୨୧ ମସିହାର ଲାଞ୍ଚ ମାମଲାରେ ଗୁରୁବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣା ସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ ଜିଲ୍ଲା ଶ୍ରମ ଅଧିକାରୀ ପାଣିଗ୍ରାହୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୮୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ୬ ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ନୂଆପଡ଼ା ଜିଲା ବୋଡେନ ଥାନା ପଲସାପଡ଼ା ଗ୍ରାମର ଶ୍ରମିକ ନେତା ଶ୍ରୀନିବାସ ବେହେରା (ଅଭିଯୋଗ କାରୀ)୨୦୦ ଜଣ ଶ୍ରମିକଙ୍କ ଶ୍ରମ କାର୍ଡ (ଲେବର କାର୍ଡ)ନବୀକରଣ ତଥା ନୂତନ ପଞ୍ଜୀକରଣ ପାଇଁ ତତ୍କାଳୀନ ଜିଲା ଶ୍ରମ ଅଧିକାରୀ ଶରତ କୁମାର ପାଣିଗ୍ରାହୀଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ଜିଲ୍ଲା ଶ୍ରମ ଅଧିକାରୀ ପ୍ରତ୍ୟେକ ଶ୍ରମିକ ପିଛା ୨୦୦ ଟଙ୍କା ଲେଖାଏଁ ହିସାବରେ ମୋଟ ୪୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ଶ୍ରମିକ ନେତା ବେହେରା ଲାଞ୍ଚ ଦେବାକୁ ଅନିଚ୍ଛା ପ୍ରକାଶ କରିବା ସହ ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଡିଭିଜନରେ ୭.୧.୨୦୨୧ରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ ୮ ତାରିଖରେ ଖରିଆରରୋଡ଼ସ୍ଥିତ କାର୍ଯ୍ୟାଳୟରେ ଜିଲ୍ଲା ଶ୍ରମ ଅଧିକାରୀ ପାଣିଗ୍ରାହୀ ଶ୍ରମିକ ନେତା ବେହେରାଙ୍କ ଠାରୁ ଲାଞ୍ଚ ଗ୍ରହଣ କରୁଥିବା ବେଳେ ପୂର୍ବରୁ ଜଗି ରହି ଥିବା ଭିଜିଲାନ୍ସ ଟିମ୍ ଧରିଥିଲା।ଜିଲ୍ଲା ଶ୍ରମ ଅଧିକାରୀ ପାଣିଗ୍ରାହୀଙ୍କ ପ୍ୟାଣ୍ଟ ପକେଟରୁ ୪୦ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଥିଲା। ସେହିପରି ତାଙ୍କ ହାତ ଧୋଇବା ପରେ ମଧ୍ୟ ରାସାୟନିକ ପ୍ରତିକ୍ରିୟା ପଜିଟିଭ୍ ଆସିଥିଲା। କୋର୍ଟର ରାୟ ପରେ ବର୍ତ୍ତମାନ ତାଙ୍କ ପେନସନ୍ ବନ୍ଦ କରିବାକୁ ଭିଜିଲାନ୍ସ ପ୍ରକିୟା ଆରମ୍ଭ କରିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ମାମଲାକୁ ପରିଚାଳନା କରିଥିଲେ।

**ଲାଞ୍ଚ ମାମଲା**

## ସିବିଏସ୍ଇ ଦଶମ ପରୀକ୍ଷାରେ ଲକ୍ଷ୍ମୀ ବିକାଶ ଛାତ୍ରଛାତ୍ରୀଙ୍କ ସଫଳତା

**ଭବାନୀପାଟଣା, ୧୬।୪ (ସମିସ):** ପ୍ରକାଶିତ ସିବିଏସଇ ଦଶମ ପରୀକ୍ଷାରେ ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଶତ ପ୍ରତିଶତ ରେଜଲ୍ଟ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୨୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୯ଜଣ ଛାତ୍ରଛାତ୍ରୀ ୯୫%ରୁ ଉର୍ଦ୍ଧ୍ୱ, ୩୩ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୬୨ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ଛାତ୍ର ଆବିର୍ଭାବ ପୁରୋହିତ ୯୮.୬ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଚଳିତ ବର୍ଷ ବୋର୍ଡ ପରୀକ୍ଷାରେ ବିକାଶ ଆବାସିକ ବିଦ୍ୟାଳୟ ଭବାନୀପାଟଣାର ଉତ୍କୃଷ୍ଟ ଧରଣର ରେଜଲ୍ଟ ହୋଇଛି।ଦଶମ ବୋର୍ଡ ପରୀକ୍ଷା ଦେଇଥିବା ସର୍ବ ମୋଟ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୪.୨୪ ପ୍ରତିଶତ ୯୫%ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି, ୧୫.୫୬ ପ୍ରତିଶତ ୯୦୫ରୁ ଉର୍ଦ୍ଧ୍ୱର୍ ନମ୍ବର ରଖିଥିବା ବେଳେ ୭୬.୪୧ପ୍ରତିଶତ ଛାତ୍ର ପ୍ରଥମ ଶ୍ରେଣୀରେ ଉର୍ତ୍ତିର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅନୁଷ୍ଠାନ ତରଫରୁ ଭବ୍ୟ ସମାରୋହର ଆୟୋଜନ କରାଯାଇ ସମ୍ବର୍ଦ୍ଧିତ କରଯାଇଥିଲା।ଛାତ୍ର ଛାତ୍ରୀଙ୍କସଫଳତାରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରସନ୍ନଜିତ ଦତ୍ତ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସହରରେ ବିଭିନ୍ନ ସମସ୍ୟାର ତଦାରଖ ଓ ସମାଧାନ ପାଇଁ ନିର୍ଦ୍ଦେଶ

**କେସିଙ୍ଗା, ୧୬।୪(ସମିସ):** ଗତ କିଛି ଦିନ ତଳେ କେସିଙ୍ଗାର ୱାର୍ଡ ନଂ ୯ର ବିଭିନ୍ନ ଛୋଟ ବଡ଼ ସମସ୍ୟା ଉପରେ 'ସକାଳ'ରେ ଖବର ପ୍ରସାରଣ ପରେ ଗୁରୁବାର ଦିନ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ନିଜର ଟିମ୍ ନେଇ କେସିଙ୍ଗାପାଡ଼ୀ କଲୋନୀକୁ ଯାଇ ବିଭିନ୍ନ ସମସ୍ୟାର ନିରୀକ୍ଷଣ କରିଥିଲେ। ସାହି ଭିତରେ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ପୋଲ ସାହିର ଡ୍ରେନ, ରାସ୍ତା ଘାଟ ବୁଲି ବୁଲି ଦେଖି ଆବଶ୍ୟକ ସ୍ଥଳେ ଜରୁରୀକାଳୀନ ଭିତ୍ତିରେ ୱାର୍ଡବାସୀଙ୍କ ସୁବିଧା ଦୃଷ୍ଟିରୁ କିଛି କାମ ପାଇଁ ଅନ ଦ ସ୍ପଟ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାହି ମଝିରେ ଥିବା ବିଦ୍ୟୁତ୍ ପୋଲ ରାସ୍ତା ମଝିରୁ କାଢି ସାଇଡ କରିବାର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ପ୍ରକାଶ ଥାଉକି କିଛି ମାସ ହେବ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଯେ କୌଣସି ୱାର୍ଡର ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଲେ ସରକାରୀ ଗାଡ଼ି ନ ନେଇ ନିଜ ଗାଡିରେ ନିଜେ ଚାଳକ ସାଜି ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରୁଥିବା ଦେଖାଯାଉଛି।

ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ

## ସିବିଏସ୍ଇ ଦଶମ ପରୀକ୍ଷାରେ ଚମତ୍କାର ସଫଳତା

**ଲାଞ୍ଜିଗଡ଼, ୧୬।୪(ସମିସ):** ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ସିବିଏସ୍ଇ ଦଶମ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରିଛନ୍ତି। ଲାଞ୍ଜିଗଡ଼ସ୍ଥିତ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଦଶମ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ରେକର୍ଡ ସୃଷ୍ଟିକାରୀ





ସଫଳତା ପାରିପାର୍ଶ୍ୱିକ ଅଞ୍ଚଳରେ ଚହଳ ସୃଷ୍ଟି କରିଛି। ବୁଧବାର ସିବିଏସ୍ଇ ଦଶମ ବୋଡର୍ ପରୀକ୍ଷାର ଫଳାଫଳ ପ୍ରକାଶିତ ହେବା ପରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟକ୍ଷ ଓ ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ସର୍ବପ୍ରଥମେ ବିଦ୍ୟାଳୟର ଶହେ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ଅତ୍ୟନ୍ତ ଗୌରବର ବିଷୟ ଅଟେ। ଦଶମ ଶ୍ରେଣୀର ୯୧ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ଛାତ୍ର ପ୍ରିୟାଂଶୁ ମହାରଣା ୯୮% ମାର୍କ ରଖି ବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ରଖି ପ୍ରଥମ ସ୍ଥାନରେ ଥିବାବେଳେ ଛାତ୍ରୀ ନଳିନୀ ଜୋରା ୯୭.୪%ମାର୍କ ରଖି ଦ୍ୱିତୀୟ ସ୍ଥାନ ଓ ଛାତ୍ର ରାଜେନ୍ଦ୍ର ଜେନା ୯୬. ୮%ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ସମୁଦାୟ ୯୧ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୯୫% ଉପରେ ଜଣ ବିଦ୍ୟାର୍ଥୀ, ୯୦%ଉପରେ ୧୬ ଜଣ ବିଦ୍ୟାର୍ଥୀ ଓ ୮୦%ଉପରେ ୧୫ ଜଣ ବିଦ୍ୟାର୍ଥୀ, ୭୫% ଉପରେ ୮ ଜଣ ବିଦ୍ୟାର୍ଥୀ ଓ ୬୦%ଉପରେ ୩୩ ଜଣ ବିଦ୍ୟାର୍ଥୀ ରହିଛନ୍ତି। ସେଥି ମଧ୍ୟରୁ ସଂସ୍କୃତରେ ୧୪ ଜଣ ଓ ଗଣିତରେ ୩ ଜଣ ବିଦ୍ୟାର୍ଥୀ ଶତକଡା ୧୦୦ ପ୍ରତିଶତ ମାର୍କ ରଖିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଛାତ୍ରଛାତ୍ରୀଙ୍କ କୃତିତ୍ୱରେ ବିଦ୍ୟାଳୟର ଅଧ୍ୟକ୍ଷଓ ଡ଼. ମାନବୀନ କୌର ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ୮୬ ବର୍ଷୀୟା ବୃଦ୍ଧାଙ୍କୁ କେବେ ମିଳିବ ୩୫ଶହ ଟଙ୍କା

**ମ. ରାମପୁର, ୧୬।୪(ସମିସ):** ସରକାର ୮୦ବର୍ଷରୁ ଅଧିକ ବୃଦ୍ଧବୃଦ୍ଧାଙ୍କୁ ୩୫ଶହ ଟଙ୍କା ଦେବାପାଇଁ ଘୋଷଣା କରିଥିଲେ ହେଁ ଘୋଷଣାରେ ରହିଯାଇଛି। କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡମକର୍ଲାଖୁଣ୍ଟା ପଞ୍ଚାୟତର ସର୍ଗିପଲା ଗ୍ରାମର ସଗୁନ ଭଣ୍ଡା(୮୭)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।ସ୍ୱାମୀ ନଥିବାରୁ ୧ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତାରେ ଚଳନ୍ତି। ହେଲେ ହଜାରେ ଟଙ୍କାରେ ଘର ଚଳିବା କଷ୍ଟକର



ହୋଇପଡୁଛି।ଔଷଧ ଖର୍ଚ୍ଚ କରିବେ ନା ଦୈନନ୍ଦିନ ଖର୍ଚ୍ଚ କରିବେ।ଉପାନ୍ତ ଅଞ୍ଚଳରେ ଯୋଜନା ବାଟବଣା ହୋଇଯାଇଛି। କିନ୍ତୁ ଜନ ପ୍ରତିନିଧି ଓ ପଞ୍ଚୟତ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ପଞ୍ଚାୟତର ନିରୀହ ଗରିବ ଲୋକମାନେ ସରକାର ଙ୍କ ଯୋଜନାର ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘ ବର୍ଷ ହେଲା ପଞ୍ଚାୟତ ଏବଂ ବ୍ଲକ ଅଧିକାରଙ୍କୁ ବହୁବାର ୩୫ ଶହ ଟଙ୍କା ଭତ୍ତା ପାଇବାପାଇଁ ଅନୁରୋଧ କରିଛନ୍ତି ହେଲେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଯଥାଶିଘ୍ର ତଦନ୍ତ କରି ୩୫ଶହ ଟଙ୍କା ଦେବାକୁ ସାଧାରଣରେ ଦାବି ହେଉଛି।

## ଟେମରାରେ ଅମୃତଧାରା ପ୍ରକଳ୍ପ ଉଦ୍‌ଘାଟିତ

**କୋକସରା, ୧୬।୪ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଟେମରାରେ ଗୁରୁବାର ପାନୀୟଜଳ ପ୍ରକଳ୍ପ 'ଅମୃତ ଧାରା' ଉଦ୍‌ଘାଟିତ ହୋଇଛି। ପଞ୍ଚାୟତ ଅନୁଦାନରୁ ନିର୍ମିତ ପ୍ରକଳ୍ପକୁ ସରପଞ୍ଚ କ୍ଷିତିରାମ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।ସୁଧୀର କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମିତି ସଭ୍ୟା ଅନୁସୟା ମାଝୀ, ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ନାଗ, ଡିଇଓ ନିମାଇଁ ଧ.ମାଝୀ, ଅଶୋକ ଦାସ, ଚକାଡୋଲା ପାତ୍ର, ରାଜେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ପାନୀୟଜଳ ସମସ୍ୟା ଦୂର ହେବା ନେଇ ଆଶା କରାଯାଇଛି। କ୍ଷୀରସିନ୍ଧୁ ହଂସ, କମଣ୍ଡଳ ପଟେଲ, ଦୁଷ୍ମନ୍ତ କୁମାର ପାତ୍ର, ଲଳିତ ସତନାମୀ, ଲୋକନାଥ ପାତ୍ର, ପ୍ରଶନ୍ନ ଦଳପତି, ବୃନ୍ଦା ସତନାମୀ, ଚୁମନ ପାତ୍ର ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନ୍ୟାୟିକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

**ନୂଆପଡ଼ା, ୧୬।୪(ସମିସ):** ନୂଆପଡ଼ା ଜିଲ୍ଲା ନ୍ୟାୟିକ କର୍ମଚାରୀ ସଙ୍ଘର ନୂତନ କର୍ମକର୍ତ୍ତା ମନୋନୟନ ଜିଲ୍ଲା ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲୀନା ପାଣିଗ୍ରାହୀ ସଭାପତି, ପରମେଶ୍ୱର ପ୍ରଧାନ ଉପ ସଭାପତି, ପ୍ରଣବକୁମାର ଶତପଥି ସମ୍ପାଦକ, ରୁପାଞ୍ଜନ ସାହୁ ସହ ସମ୍ପାଦକ, ଚିନ୍ମୟ ନାୟକ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। ଜିଲ୍ଲା ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଭାବରେ ଲମ୍ବୋଦର ମାଝୀ, ପ୍ରଭାକର ହଂସ ଓ ମହେଶ୍ୱର ପାତ୍ର ସ୍ଥାନୀତ ହୋଇଛନ୍ତି। ପରିଚାଳନା କମିଟିର ସଦସ୍ୟ ଭାବରେ ଅତାବୁର ରହମନ ଖାନ, ପି. ଅଂଶୁମାନ ମାଝୀ, ଜିତେଶ୍ୱର ଠାକୁର, ବିଶ୍ୱରଞ୍ଜନ ପଟ୍ଟନାୟକ, ଅଭିଷେକ ମହାପାତ୍ର, କେୟୁର ଭୂଷଣ ଭିତ୍ରିଆ ତଥା କିଶୋର ଦାସ ମନୋନୀତ ହୋଇଛନ୍ତି। ଜିଲ୍ଲାର ସମସ୍ତ କୋର୍ଟର ଶତାଧିକ କର୍ମଚାରୀଙ୍କ ଉପସ୍ଥିତିରେ ଜିଲ୍ଲା ନ୍ୟାୟିକ କମିଟିର ପୁନଃଗଠନ ନୂଆପଡ଼ା



ଜିଲ୍ଲା ସିଭିଲ କୋର୍ଟ ପରିସରରେ ହୋଇଯାଇଛି। କର୍ମଚାରୀଙ୍କ ସମ୍ମାନ ଓ ମର୍ଯ୍ୟାଦା ରକ୍ଷା କରିବା ସହିତ କର୍ମଚାରୀଙ୍କ ସମସ୍ୟାର ସମାଧାନ ଓ ନିରାକରଣ ଦିଗରେ ପରିଚାଳନା କମିଟି କାର୍ଯ୍ୟ କରିବ ବୋଲି ଜିଲ୍ଲା ସମ୍ପାଦକ ଶତପଥୀ ପ୍ରକାଶ କରିଛନ୍ତି।

## ଅଖଣ୍ଡ ନାମଯଜ୍ଞ ସମାପନ

**କଲମପୁର, ୧୬।୪(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ତ୍ରିନାଥମେଳା ପୂଜା କମିଟି ପକ୍ଷରୁ ତ୍ରିନାଥ ମେଳା ପୂର୍ଣ୍ଣାହୁତି ଉପଲକ୍ଷେ ୨୪ପ୍ରହର ଅଖଣ୍ଡ ନାମଯଜ୍ଞ ସମାପନ ହୋଇଯାଇଛି। କଲମପୁର ସାପ୍ତାହିକ ବଜାର ପ୍ରାଙ୍ଗଣରେ ଅଖଣ୍ଡ ନାମଯଜ୍ଞ ୫ଦିନ ଧରି ଆୟୋଜିତ ହୋଇଥିଲା। ପ୍ରତ୍ୟେକ ଦିନ ଶ୍ରୀରାମକୃଷ୍ଣଙ୍କ ସହିତ ପ୍ରଭୁ ଶ୍ରୀଚୈତନ୍ୟ, ନିତ୍ୟାନନ୍ଦ ଓ ତ୍ରିନାଥ ଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞ ସମର୍ପଣ ଓ ହୋମଯଜ୍ଞ ସମାପନ ପରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଶୋଭାଯାତ୍ରାରେ ଦଧିହାଣ୍ଡି ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଯଜ୍ଞ କର୍ତ୍ତା ଭାବେ ଗୋକୁଳ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ମୁଣ୍ଡ ଓ ଉମା ଶଙ୍କର ଶର୍ମା ସପତ୍ନିକ ସହ କାର୍ଯ୍ୟନିର୍ବାହ କରିଥିଲେ। କମିଟି ପକ୍ଷରୁ ମହେନ୍ଦ୍ର ନାଥ ସାହୁ, ଗୋପାଳ ଚନ୍ଦ୍ର ସାହୁ, ଚନ୍ଦ୍ର ଶେଖର ସାହୁ ସମେତ ନିହାର ରଞ୍ଜନ ସାହୁ, ସନାତନ ପାଣ୍ଡେ, ଅବନୀ ଶଙ୍କର ଘି, ପ୍ରମୋଦ ନିମ୍ବୁଲିଆ, ରାହାସବିହାରୀ ତେଣ୍ଡକାରୀ ବୈଷ୍ଣବ ସାହୁ, ମୀନ ମାଝୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଲାଞ୍ଜିଗଡ଼, ୧୬।୪(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ବଜାରପଡ଼ା ସାପ୍ତାହିକ ହାଟ ପ୍ରାଙ୍ଗଣରେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ଲାଞ୍ଜିଗଡ଼ ବଜାରପଡ଼ା ସାପ୍ତାହିକ ହାଟ



ପ୍ରାଙ୍ଗଣରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ୧୩ ତାରିଖ ସନ୍ଧ୍ୟାରେ ବଂଶଧାରା ନଦୀରୁ ପବିତ୍ର ଜଳ ସଂଗ୍ରହ କରି କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଷୋହଳ ପ୍ରହର ନାମଯଜ୍ଞ ପରିଚାଳନା କମିଟିର ସଭାପତି ଚନ୍ଦ୍ରମଣି ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କଳସ ଶୋଭାଯାତ୍ରା ହଜାର ହଜାର ମହିଳା ଭକ୍ତ ସାମିଲ ହୋଇଥିଲେ। ଶୁଭକଳସ ସ୍ଥାପନ ସହ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୪ ତାରିଖ ସକାଳେ ନାମଯଜ୍ଞର ମହାମନ୍ତ୍ର କାର୍ଯ୍ୟାରମ୍ଭ କରାଯାଇଥିଲା। କର୍ତ୍ତା ଭାବେ ପିତାମ୍ବର ଡମବିଶି ଓ ତାଙ୍କ ଧର୍ମପତ୍ନୀ ଦେବକୀ ଓ ରାଘବ ଗହୀର ଓ ଲୁଚନା ପୋଡ଼ ସହକର୍ତ୍ତା ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ମୁରଲୀଧର ତ୍ରିପାଠୀ, ଚକ୍ରଧର ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ମଧୁସୂଦନ କର, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, କରୁଣାକର ତ୍ରିପାଠୀ, ରବୀନ୍ଦ୍ର ଦାସ, ଟଙ୍କଧର ଦାସ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି ଓ ଦୀନବନ୍ଧୁ ବାରିକ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ନାମଯଜ୍ଞରେ ଲାଞ୍ଜିଗଡ଼ ସମେତ ବିଭିନ୍ନ ଅଞ୍ଚଳର ୯ଟି ସଂକୀର୍ତ୍ତନ ଦଳ ସାମିଲ ହେଇଥିଲେ। ୧୬ ତାରିଖ ସକାଳେ ଦଧି ହାଣ୍ଡି ଭାଙ୍ଗିବା ପରେ ସଂକୀର୍ତ୍ତନ ଦଳ ସହିତ ହଜାର ହଜାର ଶ୍ରଦ୍ଧାଳୁ ନଗର ସଂକୀର୍ତ୍ତନ କରି ଲାଞ୍ଜିଗଡ଼ ସହର ପରିକ୍ରମା କରିଥିଲେ।

## ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ହୋମସିଂ ମାଝୀଙ୍କ ଦାୟିତ୍ୱ ଗ୍ରହଣ

**ନୂଆପଡ଼ା, ୧୬।୪(ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରାନିଯୁକ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଇଂ. ହୋମସିଂ ମାଝୀ ଏବଂ ଉପାଧ୍ୟକ୍ଷା ବେଲମତି ମାଝୀ ଗୁରୁବାର ଅନୁଷ୍ଠାନିକ ଭାବେ ପଦଭାର ଗ୍ରହଣ କରିଛନ୍ତି। ରାଜ୍ୟ ସରକାର୨୩ଟି ଜିଲ୍ଲାରେ ନୂତନ ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା କାର୍ଯ୍ୟାଳୟରେ ପଟୁଆରରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ପ୍ରବେଶ କରିଥିଲେ। ନୂଆପଡ଼ା ବିଧାୟକ ଜୟ ଢୋଲକିଆ, କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ଭଗର୍ତି, ଲମ୍ବୋଦର ନିଆଲ, ଜିଲ୍ଲା ବିଜେପି ସଭାପତି କମଲେଶ କୁମାର ଦୀକ୍ଷିତ, ଖରିଆରରୋଡ ଏନ୍ଏସି ଅଧ୍ୟକ୍ଷା ଡ.ସୋନିଆ ଜୈନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଖାମ ସିଂ ମାଝି, ପୂର୍ବତନ ଜିଲ୍ଲା ସଭାପତି ଶିବ ପ୍ରସାଦ ମୁଣ୍ଡ, ବାଲକୃଷ୍ଣ ଶବର, ଅଭିନନ୍ଦନ ପଣ୍ଡା, ଗୋଲଡି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା ଶୋଭାଯାତ୍ରା

**ନୂଆପଡ଼ା, ୧୬।୪(ସମିସ):** ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବିଷୟରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି।ଜିଲ୍ଲାପାଳ ମଧୁସୁଦନ ଦାଶ ଶୋଭାଯାତ୍ରାକୁ ମୁଖ୍ୟାଳୟ ପରିସରରୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।ଶୋଭାଯାତ୍ରାରେ ଶତାଧିକସ୍ୱୟଂସହାୟକ ଗୋଷ୍ଠୀ, କମ୍ୟୁନିଟି ସପୋର୍ଟ ଷ୍ଟାଫ ଓ ଫେଡେରେସନ ସଦସ୍ୟମାନେ ଭାଗ ନେଇଥିଲେ। ପରେ ସଭାବନା ସଭାଗୃହ ପରିସରରେ ସଭା ଆୟୋଜିତ ହୋଇଥିଲା। ସଭାରେ ଜିଲ୍ଲାପାଳଙ୍କ ସହ ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କିଛି ଲକ୍ଷପତି ଦିଦି ତାଙ୍କ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ସେମାନେ କିପରି ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ଓ ସ୍ୱାବଳମ୍ବୀ ହୋଇ ସମାଜରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି, ତାହା ଉପସ୍ଥାପନ କରିଥିଲେ। ମହିଳାମାନଙ୍କୁ ଋଣକୁ ପୁଞ୍ଜି କରି ଆଗକୁ ବଢ଼ି ସଶକ୍ତ ହେବା ସହ ସମାଜକୁ ସଶକ୍ତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ଏସଏଚ୍‌ଜିଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କହିଥିଲେ। ଏସଏଚ୍‌ଜି ମହିଳାମାନଙ୍କ ସଫଳତାକୁ ସେ ଜିଲ୍ଲା ପ୍ରଶାସନର ସଫଳତା ବୋଲି ବର୍ଣ୍ଣନା କରିଥିଲେ। ଶେଷରେ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ।

## କିଡିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୧୬।୪(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ କ୍ଲଷ୍ଟର ଅନ୍ତର୍ଗତ କିଡିଙ୍ଗ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ, ନିଲେଶ କୁମାର ନାଗ, ପରିଚାଳନା କମିଟି ସଭାପତି ମୁନି ରାମ ଶବର, ସଦସ୍ୟ ବିଜୟ ଭରାସଗରୀଆ, କାନ୍ତ ଜାଲ, ପିରବତୀ ମାଝୀ, ଗୋରେଖ ଶବର, ନିରଞ୍ଜନ ଶବର, ଅହଲ୍ୟା ଛତ୍ରିଆ, ଡମ୍ବରୁଧର ଶବର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ସହ ଶିକ୍ଷୟିତ୍ରୀ ସୁମିତ୍ରା ସାହୁ ପ୍ରଥମେ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ବିଭିନ୍ନ



କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ମାନସ ରଞ୍ଜନ ନାଏକ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଅଖୁର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

କଳାହାଣ୍ଡି ଲେଖକ କଳାପରିଷଦର ବିଷୁବମିଳନ ଉଦ୍‌ଯାପିତ

# ହାସ୍ୟରସାତ୍ମକ ନାଟକ 'ଗାମୁଛା' ମଞ୍ଚସ୍ଥ

**ଭବାନୀପାଟଣା, ୧୬।୪(ସମିସ)**




କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ଆୟୋଜିତ ଦ୍ୱିଦିବସୀୟ ବିଷୁବ ମିଳନ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦ ସଭାପତି ଉମେଶଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତନ୍ମୟ କୁମାର ଦରୱାନ ଓ ସମ୍ମାନିତ ଅତିଥି ଭାବେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର ତଥା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ଭବନାଥ ରାୟଗୁରୁ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ମନୋଜ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଦୀର୍ଘ ଦିନର ବ୍ୟବଧାନ ପରେ ମଞ୍ଚସ୍ଥ ହୋଇଥିଲା ହାସ୍ୟରସାତ୍ମକ ନାଟକ ଗାମୁଛା। ନାଟକକୁ ଭରପୁର ଉପଭୋଗ କରିବା ସହିତ ହସି ହସି ବେଦମ୍ ହୋଇପଡ଼ିଥିଲେ ଦର୍ଶକ। କଳେ ବଳେ କୌଶଳରେ ମଞ୍ଚ ପାଇବା ପରେ ମଞ୍ଚ ଅତିଥିମାନଙ୍କ ଖଣ୍ଡେ ଗାମୁଛା ପାଇଁ ଯେଉଁ ବିକଳଭାବ ଅତିଥିଙ୍କ ଅସଲ ସ୍ୱରୁପକୁ ପଦାରେ ପକାଇଛି ନାଟକ ଗାମୁଛା। ଆଜିର ପ୍ରଚଳିତ ରୀତି ନୀତିରେ ସଭାମଣ୍ଡନ କରିବାକୁ ଅଘୋଷିତ କଳାକାର ଜ୍ଞାନୀ, ଗୁଣି ଗବେଷକଙ୍କ କୃତ୍ରିମ ଆବରଣ ଖୋଲିବାକୁ ନାଟ୍ୟକାର ଚେଷ୍ଟା କରିଛନ୍ତି। ନାଟକକୁ ରଚନା କରିଥିଲେ ବିରଞ୍ଚି ନାରାୟଣ ମୁଣ୍ଡ ଓ ନିର୍ଦ୍ଦେଶନା ଦେଇଥିଲେ ପ୍ରବୋଧ ରଥ। ବିଭିନ୍ନ ଭୂମିକାରେ ଭାଗିରଥି ବେହେରା, ଶୁଭେନ୍ଦୁ ମହାପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ରାଜେଶ ଦାଶ, ଆଲୋକ ସାହୁ, ସୌରଭ ମହାପାତ୍ର, ଶିବଶକ୍ତି ପୁରୋହିତ ଓ ଦୀପ୍ତିମୟୀ ସିଂହ ଅଭିନୟ କରିଥିବାବେଳେ ଗୁରୁ ସୁଧୀର ଚନ୍ଦ୍ର ପଣ୍ଡା ସଙ୍ଗୀତ ଦେଇଥିଲେ। ଲିପ୍ସା ବାରିକ ନୃତ୍ୟ ନିର୍ଦ୍ଦେଶନା, ପ୍ରତାପ ପଣ୍ଡା ରୂପସଜ୍ଜା ଏବଂ ରୁବି ମହାନ୍ତି ଓ ରାହୁଲ ମିଶ୍ର କଣ୍ଠଦାନ କରିଥିଲେ। ଉଦ୍‌ଯାପନୀ ଦିବସର ପ୍ରାରମ୍ଭରେ ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ର ଓ ପରିଷଦ ପରିଚାଳିତ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ବହୁ କଳାକାର, ବୁଦ୍ଧିଜୀବୀ ତଥା ସାହିତ୍ୟପ୍ରେମୀ ଉପଭୋଗ କରିଥିଲେ।

